# ଶିକ୍ଷକ ନିଯୁକ୍ତି , ବଦଳି ବାତିଲ ଦାବିରେ ଆନ୍ଦୋଳନ

## ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଚଣ୍ଡିଖୋଲ,୨।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ କୋଲଣଗିରି ପଞ୍ଚାୟତ ପଣସୁଆ ପାଳ ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବାଶିଷ ମଲ୍ଲିକଙ୍କ ବଦଳି ବାତିଲ ପାଇଁ ଦାବି ହୋଇଛି। ଏନେଇ ଶୁକ୍ରବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ଧାରଣା ଦେଇଛନ୍ତି।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏହି ୮ ଶ୍ରେଣୀ ପାଇଁ ୬ ଶିକ୍ଷକ ରହିଛନ୍ତି। ଗତ ଡିସେମ୍ବର ୨୪ରୁ ସବୁ ବିଦ୍ୟାଳୟ ଛୁଟି ହୋଇ ଜାନୁଆରୀ ୨ରେ ଖୋଲିବାର ଥିଲା। ମାତ୍ର ବିଦ୍ୟାଳୟ ଖୋଲିବା ପୂର୍ବରୁ ସ୍ଥାନୀୟ ଅଭିଭାବକ ଜାଣିବାକୁ ପାଇଥିଲେଯେ, ପ୍ରଧାନଶିକ୍ଷକଙ୍କ ଖଡ଼ଗପୁରସ୍ଥିତ ଜୟଦୁର୍ଗା ନୋଡାଲ ବିଦ୍ୟାଳୟକୁ ବଦଳି ହୋଇଯାଇଛି। ତେଣୁ ଏହି ବଦଳି ବାତିଲ ଦାବିରେ ସେମାନେ ଆସି ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧାରଣା ପରେ ଅଭିଭାବକ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କ ସହ ଫୋନରେ କଥା ହୋଇଥିଲେ। ବ୍ଲକ ଶିକ୍ଷାଧିକାରୀ ବଦଳି ବାତିଲ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରଧାନଶିକ୍ଷକ ମଲ୍ଲିକ ଜଣେ ଭଲ ଶିକ୍ଷକ ବୋଲି ଅଭିଭାବକ ମତ ରଖିଛନ୍ତି।



ପଣସୁଆ ପାଳ ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ଆଗରେ ଧାରଣା ଦିଆଯାଇଛି।


ନହଣ ନୋଡାଲ ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଧାରଣା ଦେଇଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା

ବରୀ,୨।୧(ମହେନ୍ଦ୍ର ସ୍ୱାଇଁ)

ବରୀ ଶିକ୍ଷା ମଣ୍ଡଳ ଅଧୀନ ନହଣ ନୋଡାଲ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି। ସିଆର୍‌ସିସି ପ୍ରତାପ ସାହୁ ପହଞ୍ଚି ସୋମବାର ମଧ୍ୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏଠାରେ ଶିକ୍ଷକ ଅଭାବ ରହିଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷକ ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ଯାଜପୁର ଜିଲାପାଳ ଓ ବରୀ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ଶେଷରେ ଛାତ୍ରୀଛାତ୍ର, ଗ୍ରାମବାସୀ ଓ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ଏହି ବିଦ୍ୟାଳୟରେ ୭ଟି ଶ୍ରେଣୀ ଥିବାବେଳେ ମୋଟ ୧୩୭ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ୪ ଶିକ୍ଷକ ଅଛନ୍ତି। ହେଲେ ଏତିକି ଶିକ୍ଷକରେ ପାଠ ପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଧାରଣାରେ ପ୍ରଦୀପ ଘଡ଼େଇ, ଅଲେଖ ଜେନା, ରାଜୁ ପ୍ରଧାନ, ଅଭିମନ୍ୟୁ ଜେନା, ଧନେଶ୍ୱର ଜେନା, କାଳନ୍ଦୀ ଘଡ଼େଇ, ରଶ୍ମୀପ୍ରିୟା ଜେନା ଓ ସସ୍ମିତା ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ୩ ଶିକ୍ଷକଙ୍କ ବଦଳି ବନ୍ଦ ଦାବି

ପାଣିକୋଇଲି,୨।୧(ବିକାଶ ଚନ୍ଦ୍ର ମଲ୍ଲିକ)

ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତ କଣ୍ଠିଗଡ଼ିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ୫ ଶିକ୍ଷକଙ୍କ ମଧ୍ୟରୁ ଏକକାଳୀନ ୩ଜଣଙ୍କୁ ଶୁକ୍ରବାର ବଦଳି କରାଯାଇଛି। ଶିକ୍ଷୟିତ୍ରୀ ବର୍ଷା ସିଂ ଟିପ୍ପୁ, ରୀନା ଜେନା ଓ ସୁରେନ୍ଦ୍ର ପରିଡାଙ୍କୁ ବଦଳି କରାଯାଇଥିବାବେଳେ ଦୁଇ ଶିକ୍ଷୟିତ୍ରୀଙ୍କୁ ଏଠାକୁ ଅଣାଯାଇଛି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬୨ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ମାତ୍ର ୧୦ ବର୍ଷରୁ ଅଧିକ ଦିନ ରହିଥିବା ଶିକ୍ଷକଙ୍କୁ ବଦଳି ପ୍ରକ୍ରିୟାରେ ଉପରୋକ୍ତ ୩ ଶିକ୍ଷକଙ୍କୁ ବଦଳିଯାଇଛି। ଫଳରେ ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ସହ ଓ ୩ ଶିକ୍ଷକଙ୍କ ବଦଳି ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ୪ ଶିକ୍ଷକରେ ୮ ଶ୍ରେଣୀ କିପରି ଚାଲିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ଗୋଟିଏ ସ୍ଥାନରେ ୬ ବର୍ଷରୁ ଊର୍ଦ୍ଧ୍ୱ ରହିଥିବା ଶିକ୍ଷକଙ୍କ ବଦଳି ହେବାକଥା। ମାତ୍ର ଏବେ ୧୦ବର୍ଷରୁ ଅଧିକ ଗୋଟିଏ ବିଦ୍ୟାଳୟରେ ଥିବା ଶିକ୍ଷକଙ୍କ ବଦଳି କରାଯାଇଛି।


କଣ୍ଠିଗଡ଼ିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଛି।

**କୁଆଖିଆ ମହୋତ୍ସବର ୯ମ ସନ୍ଧ୍ୟା**

# ମନଛୁଇଁଲା ଛଉନୃତ୍ୟ

ରସୁଲପୁର,୨।୧(ରଞ୍ଜିତ ରାଉତ)

କୁଆଖିଆ ମହୋତ୍ସବର ଶୁକ୍ରବାର ୯ମ ସନ୍ଧ୍ୟାରେ ମଞ୍ଚରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ସନ୍ଧ୍ୟାରୁ ମୟୂରଭଞ୍ଜ ଜିଲାର ଛଉନୃତ୍ୟ ପରିବେଷଣ କରାଯାଇଥିଲା। ଆଦିବାସୀଙ୍କ ଏହି ନୃତ୍ୟ ଓ ସଂଗୀତ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଥିଲା। ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ଉତ୍ତର ସାହି ଛଉ ପ୍ରତିଷ୍ଠାନର କଳାକାରମାନେ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଗୁରୁ ପ୍ରସାଦ ମହନ୍ତଙ୍କ ଦ୍ୱାରା ନୃତ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପରେ ସାଇ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଗ୍ରୁପ୍‌ର ଗାୟକଙ୍କ ସଂଗୀତରେ ଦର୍ଶକ ବିଭୋର ହୋଇଥିଲେ। ନୃତ୍ୟଶିଳ୍ପୀଙ୍କ ନାଚର ଯାଦୁରେ କଳାପ୍ରେମୀ ଦର୍ଶକ ନାଚି ଉଠିଥିଲେ। ଉଭୟ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଦର୍ଶକଙ୍କୁ ଭିଡ଼ ଜମିଥିଲା। କୁଆଖିଆ ମହୋତ୍ସବ ଭଳି କେତେକ ମଞ୍ଚ ଆଧୁନିକ ଚାକଚକ୍ୟ କଳାକୃତିକୁ ଗୁରୁତ୍ୱ ନ ଦେଇ ପୁରୁଣା ଯୁଗର ଲୋକକଳାକୁ ବଞ୍ଚାଇବାକୁ ପ୍ରୟାସ କରୁଥିବାରୁ କଳା ବଞ୍ଚି ପାରିଛି। କଳାକାର ସେମାନଙ୍କ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏଥିସହ କଳାକାର ମଧ୍ୟ ନିଜ ପରିଚୟ ସୃଷ୍ଟି କରିପାରୁଛନ୍ତି ବୋଲି ପ୍ରତିଷ୍ଠାନର ମୁଖ୍ୟ ପରିଚାଳକମାନେ ମତ ଦେଇଥିଲେ।

ଅନ୍ୟପକ୍ଷରେ ମହୋତ୍ସବ ଶେଷ ହେବା ଦିନ ଯେତିକି ପାଖେଇ ଆସୁଛି ପୂଜାମଣ୍ଡପ ଓ ମହୋତ୍ସବ ପଡିଆରେ ଦର୍ଶକଙ୍କ ଭିଡ ସେତେ ଅଧିକ ପରିଲକ୍ଷିତ ହେଉଛି। ଦର୍ଶକଙ୍କ ଭିଡ଼ ଯୋଗୁ ମହୋତ୍ସବ ପଡ଼ିଆ ଓ ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପ ନିକଟ ଉଠା ଦୋକାନୀ ଭଲ ବ୍ୟବସାୟ କରିପାରୁଛନ୍ତି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମକୁ କମିଟିର ମହାସଚିବ ଅରୁଣ ସାହୁ, ସମ୍ପାଦକ ସନ୍ତୋଷ ରାଉତ, ଉପସଭାପତି ମହେଶ୍ୱର ସାହୁ, ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ, କୋଷାଧ୍ୟକ୍ଷ ଉମେଶ ପଲେଇ, ଦିଲୀପ ଦାସ, ପ୍ରଶାନ୍ତ ପରିଡା, ଶଶାଙ୍କ ଶେଖର ରାଉତ, ଗଦାଧର ଦାଶ ପ୍ରମୁଖ ପରିଚାଳନା କରିଥିଲେ।



# ବଲିଉଡ୍ ସିଙ୍ଗର ନକାସ ଅଜିଜଙ୍କ ଗୀତରେ ଝୁମିଲେ ଦର୍ଶକ


ବଲିଉଡ୍ ସିଙ୍ଗର ନକାସ ଅଜିଜ ସଙ୍ଗୀତ ପରିବେଷଣ କରୁଛନ୍ତି।


କାର୍ଯ୍ୟକ୍ରମକୁ ଉପଭୋଗ କରୁଥିବା ଦର୍ଶକ।

**ଧର୍ମଶାଳା ମହୋତ୍ସବର ୯ମ ସନ୍ଧ୍ୟା**

କାଏମା,୨।୧(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ମହୋତ୍ସବର ଶୁକ୍ରବାର ନବମ ସନ୍ଧ୍ୟାରେ ମୁକ୍ତାକାଶ ମଞ୍ଚରେ ବଲିଉଡ୍ ସିଙ୍ଗର ନକାସ ଅଜିଜ ଓ ତାଙ୍କ ସାଥୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ କରାଇଛି। ନକାସଙ୍କ ହିନ୍ଦୀ ଏବଂ ଓଡ଼ିଆ ଗୀତ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ସେ ଓମେରି ଯାନ ମେରେକୋ ମଜନୁ ବନାଦେ..., ପୁଷ୍ପା ପୁଷ୍ପାରାଜ..., ଚାଲ ଛେୟା...ଛେୟା..., ହମ୍ମାହମ୍ମା..., ବତମିଜ ଦିଲ ମାନେନା, ବଚନା ଏ ହସିନୋ ଲୋମେ ଆ ଗେୟା, ଓମ ଶାନ୍ତି ଓମ ଭଳି ଅନେକ ହିନ୍ଦୀ ଏବଂ ଓଡ଼ିଆ ଗୀତ ଗାଇ ଦର୍ଶକଙ୍କୁ ନଚାଇଛନ୍ତି। ମଞ୍ଚରୁ ତଳକୁ ଆସି ଦର୍ଶକଙ୍କ ପରିଚୟ ପଚାରି ନାଚିଛନ୍ତି। ଦର୍ଶକ ତାଙ୍କ ଗୀତରେ ତାଳେତାଳେ ଝୁମିଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମଞ୍ଚ ସମ୍ମୁଖରେ ବସି ସମସ୍ତ ଗୀତକୁ ଉପଭୋଗ କରିଥିଲେ। ପରେ ମଞ୍ଚକୁ ଯାଇ ନକାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନକାସଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ମହୋତ୍ସବ ପଡ଼ିଆରେ ବହୁ ଭିଡ଼ ଦେଖିବାକୁ ମିଳିଥିଲା। ଯୁବପିଢ଼ି ମୋବାଇଲ୍ ଫ୍ଲାସ ଲାଇଟ୍ ମାରି ନକାସଙ୍କୁ ଉତ୍ସାହିତ କରିଥିଲେ। ଶନିବାର ଏଠାରେ ଦଶମ ସନ୍ଧ୍ୟାରେ ବଲିଉଡ କଣ୍ଠଶିଳ୍ପୀ ସୋନା ମହାପାତ୍ର ଓ ସାଥିଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯିବ ବୋଲି ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସଞ୍ଜୟ


@ ସରୋଜ


@ ପୁରୁଷୋତ୍ତମ


@ ବିଜୟଲକ୍ଷ୍ମୀ


@ ଏମ୍‌ଡି ସାମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବରୀ ବିଧାୟକଙ୍କ ସମୀକ୍ଷା ବୈଠକ

ବରୀ,୨।୧(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ତରଫରୁ ଆସୁଥିବା ଯୋଜନାର ଅର୍ଥ ଠିକ ଉପାୟରେ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଖର୍ଚ୍ଚ କରି ଅଞ୍ଚଳର ଉନ୍ନତି କିଭଳି ସମ୍ଭବ ହୋଇ ପାରିବ ସେ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଛନ୍ତି। ଏଥିସହିତ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଲୋକ ପ୍ରତିନିଧି ଦଳୀୟ ଚିନ୍ତାଧାରାଠାରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟକଲେ ବରୀ ମାଟିର ସମ୍ମାନ ରହିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ଉକ୍ତ ସମୀକ୍ଷା ବୈଠକରେ ତହସିଲଦାର ଦୀପ୍ତିମୟୀ ବେହେରା, ବିଡିଓ ଅସିତ କୁମାର ମହାନ୍ତି, ଏବିଡିଓ ମହେଶ୍ୱର ସେଠୀ, ଶିକ୍ଷା ମଣ୍ଡଳ ଅଧିକାରୀ ପ୍ରତିଶ୍ରୁତି ସିଂ, ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଳ ବାରିକ, କନିଷ୍ଠ ଯନ୍ତ୍ରୀ ସରୋଜ ପଣ୍ଡା, ରାକେଶ ମଲ୍ଲିକ ଓ ବିଭୁତି ଭୂଷଣ ପଣ୍ଡାଙ୍କ ସମେତ ଜିଲାପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏବିଡିଓ ସେଠୀ ସମସ୍ତ ଲୋକପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବ୍ଲକ କର୍ମଚାରୀଙ୍କ ନୂଆବର୍ଷର ଅଭିନନ୍ଦନ ଜଣାଇବା ସହ ସମୀକ୍ଷା ବୈଠକରେ ସାମିଲ ହୋଇଥିବାରୁ ଧନ୍ୟବାଦ ଦେଇଥିଲେ।


ସମୀକ୍ଷା ବୈଠକରେ ବିଧାୟକଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ଜବରଦଖଲକାରୀଙ୍କ କବ୍‌ଜାରେ କେନ୍ଦ୍ରାପଡ଼ା ସହର

■ ଜଳ ନିଷ୍କାସନ, ଟ୍ରାଫିକ୍ ସମସ୍ୟାର ସମାଧାନ ହେଉନି

■ ଐତିହ୍ୟ ସଂରକ୍ଷଣ ପାଇଁ ମ୍ୟୁଜିୟମ ସ୍ଥାପନ ହେଉ

କେନ୍ଦ୍ରାପଡ଼ା, ୨।୧ (ଜଗନ୍ନାଥ ଧଳ)

ରାଜ୍ୟ ସରକାର ସରକାରୀ ଜମି ଉପରେ ଥିବା ଜବରଦଖଲ ହଟାଇବାକୁ କହିଛନ୍ତି। କିଛିଦିନ ପୂର୍ବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ, ସରକାରୀ ଜମିକୁ ଯେଉଁମାନେ ଜବରଦଖଲ କରିଛନ୍ତି ସେମାନେ ନିଜସ୍ୱ ଖର୍ଚ୍ଚରେ ଜାଗା ଖାଲି କରନ୍ତୁ, ନ ହେଲେ ଜବରଦଖଲ ଉଚ୍ଛେଦର ସମସ୍ତ ଖର୍ଚ୍ଚ ଜବରଦଖଲକାରୀଙ୍କଠାରୁ ଆଦାୟ କରାଯିବ। ଏଭଳି ସ୍ଥିତିରେ ରାଜ୍ୟର ସର୍ବପ୍ରଥମ ପୌରାଞ୍ଚଳ କେନ୍ଦ୍ରାପଡ଼ା ସହର ଜବରଦଖଲ ସମସ୍ୟାରୁ ନିସ୍ତାର ପାଉନାହିଁ। ପ୍ରଶାସନ ସବୁଜାଣି ନିରବଦ୍ରଷ୍ଟା ସାଜିଛି। କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଜବରଦଖଲ ସମସ୍ୟାକୁ ଗୁରୁତର କରୁଛି। ୧୮୬୯ରେ ସ୍ଥାପିତ ଏହି ପୌରାଞ୍ଚଳ ଅଧିବାସୀ ସହରକୁ ବିକଶିତ ଦେଖିବା ପାଇଁ ଏବେ ବି ମାଷ୍ଟର ପ୍ଲାନ ଅପେକ୍ଷାରେ ଅଛନ୍ତି। ମନମୁଖି ପ୍ରକଳ୍ପ ନିର୍ମାଣ ଓ ଜବରଦଖଲ ସହରକୁ ସଙ୍କୁଚିତ କରୁଥିବା ବେଳେ ଜଳ ନିଷ୍କାସନ ଏକ ସମସ୍ୟା ଭାବେ ଉଭା ହୋଇଛି। ବାଇପାସ୍ ରାସ୍ତା ନିର୍ମାଣ ହୋଇପାରୁନାହିଁ। ଏଥିପାଇଁ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଛି। ସେହିପରି ଐତିହ୍ୟ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ସ୍ଥାପନ କରାଯିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ସହରର ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ସିଂ, ବିଜୟ କୁମାର ମଣ୍ଡଳ, ଅସିତ କୁମାର ମହାପାତ୍ର, କ୍ଷିତୀଶ କୁମାର ସିଂ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ବିଶ୍ୱବାସୀଙ୍କ ଆକର୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ସେହିପରି ରାଜ୍ୟର ଏକମାତ୍ର ଜିଓ ଟିଉବ୍‌ୱାଲ, ହୁକିଟୋଲାଠାରୁ ଆରମ୍ଭ କରି ସହର ମଧ୍ୟରେ ଆଧ୍ୟାତ୍ମିକ ସ୍ଥଳ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଅଛି। ପ୍ରଚାର ପ୍ରସାର ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। କେନ୍ଦ୍ରାପଡ଼ା ସହର ଏହାର ମଧ୍ୟସ୍ଥଳରେ ଥିବାବେଳେ ସହରବାସୀଙ୍କ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୮୦ ହଜାର ହୋଇଛି। ସହରର ପରିସୀମା ବୃଦ୍ଧି ପାଉଛି। କୌଣସି ଅଞ୍ଚଳର ବିକାଶ ପାଇଁ ଚିନ୍ତା କଲେ ଆଗାମୀ ୫୦ ଅଥବା ୧୦୦ ବର୍ଷର ସମ୍ଭାବନା ଏଥିରେ ସାମିଲ ଥାଏ। ଏହାକୁ ଦୃଷ୍ଟିରେ ରଖି ରାସ୍ତାଠାରୁ ଜଳ ନିଷ୍କାସନ, ରାତ୍ରକାଳୀନ ରହଣିଠାରୁ ଭେଣ୍ଡିଂ ଜୋନ୍‌ର ଅବସ୍ଥିତି ପ୍ରତି ସଚେତନ ହେବାକୁ ପଡ଼ିବ। ତେବେ ଗତ ୨୬ ବର୍ଷ ପୂର୍ବେ ପ୍ରତିଷ୍ଠିତ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ କାର୍ଯ୍ୟାଳୟ ଏକ ସାଇନବୋର୍ଡ ମଧ୍ୟରେ ରହିଛି। ପ୍ରକଳ୍ପର ଅନୁମୋଦନ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଉ ନାହିଁ। ଜିଲାର ବ୍ୟସ୍ତବହୁଳ ତିନିମୁହାଣି ଛକ ଏବେ ଟ୍ରାଫିକ୍ ସମସ୍ୟାରେ ଅଛି। ଏହା କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ସହ ସହର ମଧ୍ୟକୁ ସଂଯୋଗସ୍ଥଳ। ଏହା ବ୍ୟତୀତ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିରେ ଅଛନ୍ତି। ତିନିମୁହାଣି ଛକକୁ ଅଧିକ ପ୍ରଶସ୍ତ ଓ ଯାତାୟାତ ପାଇଁ ଏହାର ସମ୍ପ୍ରସାରଣ ଜରୁରୀ ହୋଇଛି। ଏଥିପାଇଁ ନିକଟରେ ଥିବା ଚଟିପୋଲଠାରୁ ନୂତନ ରାସ୍ତା ନିର୍ମାଣାଧୀନ ଅଛି। ତେବେ ତିନିମୁହାଣି ଛକରେ ଏକାଧିକ ପ୍ରକଳ୍ପ ଟ୍ରାଫିକ୍ ସମସ୍ୟାକୁ ଉତ୍କଟ କରିଛି। ଏଠାରେ ଗାନ୍ଧୀ ସ୍ମୃତି ନାମରେ ଏକ ପିଣ୍ଡି ନିର୍ମାଣ ହୋଇଛି। ସେହିପରି ଶୌଚାଳୟ ଓ ଆଇ ଲଭ୍ କେନ୍ଦ୍ରାପଡ଼ା ପ୍ରତୀକ ସ୍ଥଳ ରହିଥିବାରୁ ରାସ୍ତା ଉପରେ ବାଇକଠାରୁ ଅଟୋର ଭିଡ ଜମୁଛି। ସହରର ପ୍ରବେଶ ପଥରେ ଭେଣ୍ଡିଂ ଜୋନ୍ ପାଇଁ ବ୍ୟବସ୍ଥା ହୋଇଛି। ଏହା ସହ ପରିସୀମା ବୃଦ୍ଧି ହୋଇଥିବାରୁ ଏଠାରେ ଥିବା ଗେଟ୍‌ର ପ୍ରାସଙ୍ଗିକତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତିନିମୁହାଣି ଛକ ନିକଟରେ ଥିବା ଇଣ୍ଡଷ୍ଟ୍ରିଆଲ ଏରିଆରେ ଭେଣ୍ଡିଂ ଜୋନଠାରୁ ଆରମ୍ଭ କରି ଶୌଚାଳୟ, ଗାନ୍ଧୀ ସ୍ମୃତି ପୀଠ, ଐତିହ୍ୟ ମ୍ୟୁଜିୟମ ଆଦି ହୋଇ ପାରିଥାନ୍ତା। ଫଳରେ ଆଗାମୀଦିନରେ ସହରର ଯାତାୟାତ ସହ ସୌନ୍ଦର୍ଯ୍ୟ ପ୍ରଦାନ କ୍ଷେତ୍ରରେ ଏହାର ଭାଗୀଦାରି ରହନ୍ତା। ଜିଲାର କୃଷି ଅର୍ଥନୀତି ପରି ପର୍ଯ୍ୟଟନ ଶିଳ୍ପ ଆର୍ଥିକ ଉନ୍ନତି ଆଣିପାରିବ। ଜିଲାରେ ଶିଳ୍ପ ପ୍ରତିଷ୍ଠା ପରେ ସହରର ଭୂମିକା କମ୍ ନୁହେଁ। ସହର ମଧ୍ୟରେ ଥିବା ଯାତ୍ରୀ ନିବାସ, ରାତ୍ର ରହଣିସ୍ଥଳ, କଲ୍ୟାଣ ମଣ୍ଡପ, ଇଚ୍ଛାପୁରରେ ଥିବା ପର୍ଯ୍ୟଟନ ବିଭାଗର ନିବାସର ଉପଯୋଗିତାକୁ ଅନୁଧ୍ୟାନ ଆବଶ୍ୟକ। ଅଗାମୀଦିନରେ ଜିଲା ବାହାର ଲୋକଙ୍କୁ ଏଠାରେ ରହିବା ସମସ୍ୟା ସୃଷ୍ଟି କରିବ। ଜିଲାରେ ବିକ୍ଷିପ୍ତ ଭାବେ ଥିବା ଐତିହ୍ୟ ସ୍ମାରକୀ ପାଇଁ ମ୍ୟୁଜିୟମ ପାଇଁ ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଜବରଦଖଲ ମୁକ୍ତ ନ ହେଲେ ସହର ମଧ୍ୟରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ପାରିବନି ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁଙ୍କୁ ପଚାରିବାରେ ବିଭିନ୍ନ ପ୍ରକଳ୍ପର ଅବସ୍ଥିତି ଓ ସମସ୍ୟା ସମ୍ପର୍କରେ ସମୀକ୍ଷା ହୋଇଛି। ଏକ ସୁନ୍ଦର ସହର ଗଠନ ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି।

## ଭିତରକନିକା ଇକୋ ରିଟ୍ରିଟ୍‌ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ



ଉପମୁଖ୍ୟମନ୍ତ୍ରୀପ୍ରଭତୀ ପରିଡ଼ାଙ୍କୁ ଇକୋ ରିଟ୍ରିଟ୍‌ରେ ସ୍ୱାଗତ କରାଯାଉଛି।

ରାଜନଗର , ୨।୧
(ଭାସ୍କର ରାଉତରାୟ)

ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର ଭିତରକନିକା ଗସ୍ତରେ ଆସିଛନ୍ତି। ରାଜନଗରର ପେଣ୍ଠ ସମୁଦ୍ର କୂଳରେ ଇକୋ ରିଟ୍ରିଟ୍‌ରେ ଅପରାହ୍ନରେ ପହଞ୍ଚିଛନ୍ତି। ଇକୋ ରିଟ୍ରିଟରେ ରାତ୍ରି ଯାପନ କରିବେ। ଶନିବାର ସକାଳେ ଗୁପ୍ତିରୁ ବୋଟ ଯୋଗେ ଭିତରକନିକାର ଶୋଭା ଉପଭୋଗ କରିବେ। ବୋଟ ଯୋଗେ ଡାଙ୍ଗମାଳରେ ପହଞ୍ଚି ଭାରତର ପ୍ରଥମ ଧଳା କୁମ୍ଭୀର ଗୋରୀ ଓ ଧଳା କୁମ୍ଭୀର ମଲ୍ଲୀ, ମ୍ୟୁଜିମ, ସ୍କାଏ ୱାଲକ, କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏହା ସରକାରୀ କାର୍ଯ୍ୟକ୍ରମ ନୁହେଁ, ପରିବାର ସହିତ ଭିତରକନିକାର ଶୋଭା ଉପଭୋଗ କରିବାକୁ ଆସିଥିବା ଜଣାପଡିଛି। ଅପରାହ୍ନରେ ଇକୋ ରିଟ୍ରିଟ୍‌ରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

## ଭାଜପା ଜିଲା ଉପସଭାପତି ହେଲେ ଗୀତାଞ୍ଜଳି, ସୁବାସ

ଜଗତ୍‌ସିଂହପୁର/ରଘୁନାଥପୁର, ୨।୧ (ପ୍ରମୋଦ କୁମାର ନାୟକ/ ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲାର ନୂତନ ଉପସଭାପତି ଭାବେ ଗୀତାଞ୍ଜଳି ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସାହୁ ୨୦୧୭ରେ ବିରିଡ଼ି ବ୍ଲକ ଉତ୍ତରଶାସନ ଗ୍ରାମପଞ୍ଚାୟତରୁ ଏକମାତ୍ର ଭାଜପା ସମର୍ଥିତ ସମିତି ସଭ୍ୟା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ଏହାପରେ ସେ ବିରିଡି ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପଦ ହାତେଇବାକୁ ସକ୍ଷମ ହୋଇଥିଲେ। ୨୦୨୨ରେ ବିରିଡ଼ି ବ୍ଲକ ୧ ନମ୍ବର ଜୋନ୍‌ର ଦଳୀୟ ଜିଲା ପରିଷଦ ସଭ୍ୟା ପ୍ରାର୍ଥୀ ହୋଇଥିଲେ। ତାଙ୍କର କାର୍ଯ୍ୟଦକ୍ଷତାକୁ ଭରସା କରି ଦଳ ତାଙ୍କୁ ଜିଲା ସଙ୍ଗଠନରେ ଉପସଭାପତି ଦାୟିତ୍ୱ ଦେଇଥିବା କୁହାଯାଇଛି। ନୂତନ ଦାୟିତ୍ୱ ପାଇଲା ପରେ ଗୀତାଞ୍ଜଳି ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି ବିଭୁ ତରାଇ, ଜିଲା ସଭାପତି ପ୍ରତାପ ମିଶ୍ର, ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ନେତା ରାଜକିଶୋର ବେହେରା ଓ ସଞ୍ଜୟ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।




ଗୀତାଞ୍ଜଳି ସାହୁ ଓ ସୁବାସ ଚନ୍ଦ୍ର ଜେନା।

ସେହିପରି ରଘୁନାଥପୁର ମଣ୍ଡଳର ପୂର୍ବତନ ଭାଜପା ସଭାପତି ତଥା ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ସକ୍ରିୟ ସଙ୍ଗଠକ ସୁବାସ ଚନ୍ଦ୍ର ଜେନାଙ୍କୁ ଜଗତ୍‌ସିଂହପୁର ଜିଲା ଭାଜପା ଉପସଭାପତି ଭାବେ ମନୋନୀତ କରାଯାଇଛି। ଏହାପୂର୍ବରୁ ସେ ଜିଲାର ସାଧାରଣ ସମ୍ପାଦକ ଦାୟିତ୍ୱରେ ରହି ଦଳୀୟ କାର୍ଯ୍ୟ ନିର୍ବାହ କରିଥିଲେ। ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛିତାକୁସେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହ ଜଣେ ଶୃଙ୍ଖଳିତ ସୈନିକ ଭାବେ ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇ ନେବେ ବୋଲି ଉପସଭାପତି ଜେନା ପ୍ରକାଶ କରିଛନ୍ତି। ନୂତନ ଦାୟିତ୍ୱ ପାଇଁ ସେ ରାଜ୍ୟ ସଭାପତି ସାମଲ, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଓ ଜିଲା ସଭାପତି ମିଶ୍ରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ: ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୨।୧ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଣ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ଧର୍ମ ଶଙ୍କର-୫ ନାମକ ଟ୍ରଲରକୁ ବନ ବିଭାଗର ପାଟ୍ରୋଲିଂ ଦଳ ଜବତ କରିବା ସହ ୬ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀମାନେ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ଗୋଟିଏ ଜିପିଏସ୍(ଗ୍ରାମୀଣ-୫୮୦), ୨ଟି ଭିଏଚଏଫ୍(ଆଇକମ-୨୩୦୦ଏଚ), ଗୋଟିଏ ଫିସଫାଇଣ୍ଡର(ଗ୍ରାମୀଣ-୩୫୦), ୧୦ଟି ଟ୍ରଲିଂନେଟ ଓ ୫୦ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ପାଲେପୁ କାମେଶ୍ୱର ରାଓ, କୋମାରି ଭେଙ୍କଟେଶ୍ୱରାଲୁ, ଓଲିଟି ଶ୍ରୀନୁ, ଧୋମା ଶ୍ରୀନୁ, କାରି ନାଗେଶ୍ୱର ରାଓ, ଓଲେଟି ମହାଲକ୍ଷ୍ମୀ। ଗିରଫ ମତ୍ସ୍ୟଜୀବୀମାନେ ଆନ୍ଧ୍ରପ୍ରଦେଶର କାକିନାଡା ଜିଲାର ଅଟନ୍ତି। ସେମାନଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ୧୯ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ

ଜଗତ୍‌ସିଂହପୁର, ୨।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଅବକାରୀ ଥାନା ପକ୍ଷରୁ ସିଙ୍ଗିପୁର ବଜାରରେ ଚଢ଼ାଉ ପରେ ୧୯ ଗ୍ରାମ୍ ହେରୋଇନ ଜବତ ହୋଇଛି। ଏହାର ଆନୁମାନିକ କଳା ବଜାର ମୂଲ୍ୟ ୧,୯୦,୦୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ହେରୋଇନ୍ ଚୋରା କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ରାଇବରେଇ ଗ୍ରାମର ସୋମନାଥ ନାୟକ (୨୬)। ଗିରଫ ପରେ ସୋମନାଥଙ୍କୁ ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଏ ସମ୍ପର୍କରେ ଜିଲା ଅବକାରୀ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ସୋମନାଥ ଦୀର୍ଘଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ ଚୋରା କାରବାର କରୁଥିବା ନେଇ ଅଭିଯୋଗ ହୋଇଥିଲା।

### ଅଭିଯୁକ୍ତଙ୍କ ଲୋକେଶନ୍ ଜଣାଇଲେ କାର୍ଯ୍ୟାନୁଷ୍ଠାନ



ଜବତ ହେରୋଇନ ସହ ଅଭିଯୁକ୍ତ ସୋମନାଥ ନାୟକ।

ଏହାକୁ ଆଧାର କରି ଜଗତ୍‌ସିଂହପୁର ଅବକାରୀ ଥାନା ଉପନିରୀକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇଥିଲା। ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଇଥିଲେ। ଗ୍ରାହକ ବେଶରେ ସୋମନାଥଙ୍କ ସହ ସମ୍ପର୍କ କରିଥିଲେ ଓ ଡିଲ୍ ବେଳେ ସିଙ୍ଗିପୁର ବଜାରରୁ ତାଙ୍କୁ କାବୁ କରିବାକୁ ସମର୍ଥ ହୋଇଥିଲେ। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ଅବକାରୀ ଅଧୀକ୍ଷକ ଅନିତା ପ୍ରଧାନ ସୂଚନା ଦେଇଛନ୍ତି। ଅବକାରୀ ବିଭାଗକୁ ଅଭିଯୁକ୍ତମାନଙ୍କ ଲୋକେଶନ ଓ କଲ ଟ୍ରାକିଂର ସୁବିଧା ପ୍ରଦାନ କରାଗଲେ ଅବକାରୀ ବିଭାଗ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।

## ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଭଙ୍ଗାଗଲା ଔଷଧ ଦୋକାନ

ରାଜନଗର, ୨।୧ (ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘରୋଇ ଜୟଗୁରୁ ଔଷଧ ଦୋକାନ ରହିଥିଲା। ଏହାକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇ ମାଟିରେ ମିଶାଇ ଦିଆଯାଇଛି। ଏହି ଔଷଧ ଦୋକାନଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦୀର୍ଘବର୍ଷ ଧରି ଚାଲୁଥିଲା। ସରକାରଙ୍କ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଗୃହ ନିର୍ମାଣ ପାଇଁ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ଘରୋଇ ଔଷଧ ଦୋକାନଟି ଥିବାରୁ ନୂତନ ଗୃହ ନିର୍ମାଣ ପାଇଁ ବାଧକ ସାଜିଥିଲା। ଏହି ଔଷଧ ଦୋକାନକୁ ସେଠାରୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ୨ଦିନ ତଳେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଉଚ୍ଛେଦ ପାଇଁ ନୋଟିସ ଦେଇଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ତହସିଲଦାର ଦାସ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଜେସିବି ସହାୟତାରେ ଜୟଗୁରୁ ଔଷଧ ଦୋକାନକୁ ଭାଙ୍ଗି ଦେଇଥିଲେ।



## ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଏରସମା, ୨।୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ଏସିଆ ଗ୍ରାମରେ ଗୁରୁବାର ରାତିରେ ଘରୋଇ କଳିରୁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ରାଜେଶ ସାହୁ (୧୯)। ଏନେଇ ଭିଣୋଇ ଓଲରା ଗ୍ରାମର ଅଜୟ ସାମଲ ଥାନାରେ ଏତଲା ଦେବାପରେ ପୋଲିସ ଅପମୃତ୍ୟୁ ମାମଲା (ନଂ. ୧/୨୬) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ରାଜେଶ ଗୁରୁବାର ପରିବାର ସଦସ୍ୟଙ୍କ ସହ ଭୋଜି କରିବାକୁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଘରକୁ ଫେରିବା ପରେ କୌଣସି ଘଟଣାକୁ ନେଇ ପାରିବାରିକ କଳି ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ରାଜେଶ ଘର ବାଡ଼ି ପଟେ ଗାମୁଛାରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ବାଡ଼ିରୁ ଝୁଲନ୍ତା ଅବସ୍ଥାରେ ପାଇ ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ପ୍ରେମ୍‌ଜୀତ ଦାସ କହିଛନ୍ତି।

## ବିପର୍ଯ୍ୟସ୍ତ ଅବସ୍ଥାରେ ଖଡ଼ିଅଣ୍ଟା ବାତ୍ୟା ଆଶ୍ରୟସ୍ଥଳ

# ସ୍କୁଲ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ

## ସୁରକ୍ଷା ବଦଳରେ ବିପଦକୁ ଆମନ୍ତ୍ରଣ

ପଟ୍ଟାମୁଣ୍ଡାଇ, ୨।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଖଡ଼ିଅଣ୍ଟା ପ୍ରାଥମିକ ବିଦ୍ୟାଳୟରେ ଥିବା ବାତ୍ୟା ଆଶ୍ରୟସ୍ଥଳ ଅସୁରକ୍ଷିତ ଜରାଜୀର୍ଣ୍ଣ ହୋଇପଡିଛି। ଏହି ବିପଦପୂର୍ଣ୍ଣ କୋଠା ଛାତରୁ ପ୍ଲାଷ୍ଟର ଖସୁଥିବାରୁ ଶତାଧିକ ଛାତ୍ରୀଛାତ୍ର ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ଭବିଷ୍ୟତରେ ପିଲାଙ୍କ ପାଇଁ କାଳ ସାଜିପାରେ ବୋଲି ଅଭିଭାବକମାନଙ୍କ ଚିନ୍ତା ବଢ଼ାଇଛି। ଏପରି ଅବସ୍ଥାରେ ଅନେକ ଅଭିଭାବକ ସେଠାରେ ପିଲାମାନଙ୍କୁ ପଢ଼ିବାକୁ ଛାଡୁନାହାନ୍ତି। ସୁରକ୍ଷା ପାଇଁ ହୋଇଥିବା ଆଶ୍ରୟସ୍ଥଳ ଏବେ ଅସୁରକ୍ଷିତ ଅବସ୍ଥାରେ ବିପଦକୁ ଆମନ୍ତ୍ରଣ କରୁଛି। ବାରମ୍ବାର ଅଭିଯୋଗ ପରେ ଜିଲା ପ୍ରଶାସନର ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଜିବାରେ ଲାଗିଛି।

ଗ୍ରାମର ଶୁଭେନ୍ଦୁ ମହାନ୍ତି, କାହ୍ନୁଚରଣ ସାମଲ, ସରୋଜ ରାଉତ, ସୁଶାନ୍ତ ସାମଲ, ଅଜୟ ନାୟକ, ଅଶୋକ ମହାନ୍ତି ପ୍ରମୁଖ କହିଛନ୍ତି, ୧୯୯୯ ମହାବାତ୍ୟା ପରେ ଖଡ଼ିଅଣ୍ଟା ଗାଁ ସ୍କୁଲ ପରିସରରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇଥିଲା। ସେତେବେଳେ ଖଡ଼ିଅଣ୍ଟା ପ୍ରାଥମିକ ବିଦ୍ୟାଳୟ ଘର ଅଭାବରୁ ଛୋଟ ପିଲାମାନେ ବାତ୍ୟା ଆଶ୍ରୟସ୍ଥଳୀରେ ବସି ପଢୁଥିଲେ। ପ୍ରାୟ ୧୦ ବର୍ଷ ହେବ ଆବଶ୍ୟକ ମରାମତି ଅଭାବରୁ ବାତ୍ୟା ଆଶ୍ରୟସ୍ଥଳଟି ଧୀରେ ଧୀରେ ଅସୁରକ୍ଷିତ ହୋଇପଡିଛି। ଏହି ୨ ମହଲା ବିଶିଷ୍ଟ ବାତ୍ୟା ଆଶ୍ରୟସ୍ଥଳରୁ ସିମେଣ୍ଟ ଖଣ୍ଡ ଖସୁଥିବା ବେଳେ ଝରକା କବାଟ ଭାଙ୍ଗିଯାଇଛି। ବିପତ୍ତି ସମୟରେ ଏଠାରେ ଲୋକମାନେ ଆଶ୍ରୟ ନେବା ଆଉ ସମ୍ଭବ ନୁହେଁ। ଏହି କୋଠାର ତଳ ମହଲା ଅର୍ଥାତ୍ ଗୋରୁଙ୍କ ପାଇଁ ଉଦ୍ଦିଷ୍ଟ ଗୁହାଳଟିରେ କେହି ବସାଉଠା କରିବାକୁ ସାହସ କରୁନାହାନ୍ତି। ଏହାର ପାଖରେ ଖଡ଼ିଅଣ୍ଟା ପ୍ରାଥମିକ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲା ପାଠ ପଢୁଛନ୍ତି। ପିଲାମାନେ ସେଠାରେ ଖେଳକୁଦ ମଧ୍ୟ କରୁଛନ୍ତି। କିନ୍ତୁ ଏହି କୋଠାଟି ବିପଦସଙ୍କୁଳ ବୋଲି କୌଣସି ସୂଚନା ଫଳକ ଲଗାଯାଇନାହିଁ। ତେବେ କେତେବେଳେ ଯେ ଦୁର୍ଘଟଣା ନ ଘଟିବ ତାହା କହିହେବ ନାହିଁ। ତେଣୁ ଉକ୍ତ କୋଠାଟିକୁ ମରାମତି କିମ୍ବା ତୁରନ୍ତ ଭାଙ୍ଗି ଦେବାକୁ ଗ୍ରାମବାସୀ ଦାବି କରଛନ୍ତି। ଏ ସମ୍ପର୍କରେ ବିଡିଓ ଶୀତଳ ଅଗ୍ରୱାଲାଙ୍କୁ ପଚାରିବାରୁ ଅଭିଯୋଗ ପାଇଲି। କ୍ଷେତ୍ର ପରିଦର୍ଶନ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଖଡ଼ିଅଣ୍ଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଞ୍ଜୟ



@ ସରୋଜ



@ ପୁରୁଷୋତ୍ତମ



@ ବିଜୟଲକ୍ଷ୍ମୀ



@ ଏମ୍‌ଡି ସାମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଙ୍ଗାରୁ କୋର୍ଟ ଉପରେ ରହୁନି ଲଗାମ

ନୟାଗଡ଼, ୨।୧ (ଲୋକନାଥ ମିଶ୍ର)

- ପୋଲିସ, ପ୍ରଶାସନର ନାହିଁ ପଦକ୍ଷେପ
- ଆତ୍ମହତ୍ୟା ପରେ ବଦଳୁ ନାହିଁ ଚିନ୍ତାଧାରା

କଙ୍ଗାରୁ କୋର୍ଟ ବେଆଇନ। ତଥାପି ନୟାଗଡ଼ ଜିଲାର ଗାଁ ଗଣ୍ଡାରେ ବସୁଛି କଙ୍ଗାରୁ କୋର୍ଟ। ଗାଁ କୋର୍ଟରେ ବିଚାର କରାଯାଉଛି। ଭୁଲ ସ୍ୱୀକାର ନ କଲେ ପଡୁଛି ଲକ୍ଷାଧିକ ଟଙ୍କାର ଜରିମାନା। ଜରିମାନା ନ ଦେଲେ ନିଆଁ ପାଣି ବାସନ୍ଦ କରାଯାଏ। ବାସନ୍ଦ ପରିବାରର ସହ କେହି କଥା କୁହନ୍ତି ନାହିଁ। ସଉଦା ଦୋକାନ ବଜାରରେ ଦିଆଯାଏ ନାହିଁ। ନିର୍ଯାତନା ବଢ଼ି ଚାଲେ। ଅନେକ ପରିବାର ବର୍ଷବର୍ଷ ଧରି ଅଭିଶପ୍ତ ଜୀବନଯାପନ କରୁଥିଲେ ମଧ୍ୟ ପ୍ରତିକାର ନାହିଁ। ଏ ନେଇ ପୋଲିସ ଓ ପ୍ରଶାସନ ନିକଟରେ ଅଭିଯୋଗ ହେଲେ ହେଁ ସବୁ ଜାଣି ନୀରବତା ଅବଲମ୍ବନ କରନ୍ତି। ପରିସ୍ଥିତି ଓ ପରିବେଶ ଏପରି ହୁଏ ଯେ ନିର୍ଯାତିତ ପରିବାରକୁ ଗାଁ ଛାଡ଼ିବାକୁ ବାଧ୍ୟ କରାଯାଏ। ନଚେତ ଗାଁରୁ ସମ୍ପୃକ୍ତ ପରିବାରକୁ ବିତାଡିତ କରି ଦିଆଯାଏ। କାହାକୁ ବି ଜୀବନ ଦେବାକୁ ପଡ଼େ। ସ୍ୱାସ୍ଥ୍ୟସେବାରେ ଅଭିଯୋଗ ଆଣି ଖତିଆରେ ଜଣେ ଓ ନୟାଗଡ଼ ସଦର ଥାନାର ଚାହାଳି ଗାଁରେ ସୁବାସ ବେହେରା ନାମକ ୨ ଜଣ ବ୍ୟକ୍ତି ଆତ୍ମହତ୍ୟା କରିଥିଲେ। ସେହିପରି ରଣପୁର ଥାନାର କୋଟଗଡ଼, ବଜ୍ରକୋଟ ପଞ୍ଚାୟତର କ୍ଷତ୍ରିବରପୁର, ଖତିଆ ପଞ୍ଚାୟତର ଖତିଆ, ଗୌରାଙ୍ଗପୁର ପଞ୍ଚାୟତର ଗୌରାଙ୍ଗପୁର, ନୟାଗଡ଼ ଟାଉନ ଥାନାର ନବଘନପୁର, ନୟାଗଡ଼ ସଦର ଥାନାର ମାଳତିପୁର ଓ ଶରଣକୁଳ ଥାନାର ଗୋଡିପଲ୍ଲୀରେ ଏହାର ଭୟାବହ ରୂପ ଦେଖିବାକୁ ମିଳିଥିଲା। ଏଭଳି ଘଟଣା ନୟାଗଡ଼ ଜିଲାରେ ଏକ ସାଧାରଣ ଘଟଣାରେ ପରିଣତ ହୋଇ ସାରିଥିଲାବେଳେ ଏହା ବିରୋଧରେ ଏଯାବତ ପଦକ୍ଷେପ ନିଆଯାଉନାହିଁ।

## ମୁହଁ ଖୋଲିଲେ ସର୍ବସ୍ୱାନ୍ତ

କଙ୍ଗାରୁ କୋର୍ଟ ସମ୍ପର୍କରେ ମୁହଁ ଖୋଲିଥିବା ପରିବାର ଫସି ଯାଇଛନ୍ତି। ନ୍ୟାୟ ପାଇ ନାହାନ୍ତି। ବରଂ ସେମାନେ ଅଭିଶପ୍ତ ଜୀବନଯାପନ କରିଛନ୍ତି। କଙ୍ଗାରୁ କୋର୍ଟରେ ଦଣ୍ଡିତ ପରିବାରର ଜଣେ ମହିଳାଙ୍କ ସୂଚନା ଅନୁସାରେ, ମୁହଁ ଖୋଲିଲେ ସର୍ବସ୍ୱାନ୍ତ ହେବାକୁ ପଡିଛି। ଆଖି ଆଗରେ ସେପରି କିଛି ଘଟଣା ଆମ ପରିବାରକୁ ନୂଆ ନିଷ୍ପତ୍ତି ନେବାକୁ ବାଧ୍ୟ କରାଇଥିଲା। ଏଭଳି ଅନେକ ପରିବାର ଏପରି ନିଷ୍ପତ୍ତି ନେଇ ଭଲରେ ଥିବାର ମଧ୍ୟ ଆମେ ଅନୁଭବ କରିଛୁ। ପରିବାର କୌଣସି ଭୁଲ ନ ଥାଇ ଦଣ୍ଡିତ ହେଲେ। କଙ୍ଗାରୁ କୋର୍ଟରେ ଭୁଲ ସ୍ୱୀକାର କରିବା ପରେ ମଧ୍ୟ ୫୦ ହଜାର ଜରିମାନା ପଡିଲା। ସମ୍ପତ୍ତି କହିଲେ ଘର, ଆଉ କିଛି ଜମି। କ'ଣ କରିବୁ ନିଷ୍ପତ୍ତି ନେଇ ପାରିଲୁ ନାହିଁ। ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଧାର କରଜ କରି ୪୦ ହଜାର ଜରିମାନା ଦେଲୁ। ଗାଁ ଲୋକଙ୍କ ସହ ରହିଲୁ। ଏବେ ଆମେ ଭଲରେ ଚଳୁଛୁ। ଗାଁର ଯେଉଁମାନେ ପ୍ରତିବାଦ କରିଛନ୍ତି ସେମାନଙ୍କ ଜମି ପଡିଆ ପଡିଛି। ଘର ଭାଙ୍ଗିଛି। ଏଣେତେଣେ ବୁଲି କଷ୍ଟମୟ ଜୀବନଯାପନ କରୁଛନ୍ତି। ନିର୍ଯାତିତ ପରିବାରକୁ ପୋଲିସ ଓ ପ୍ରଶାସନ ନ୍ୟାୟ ଦେଉ ନ ଥିବା ଆମେ ଅଙ୍ଗେ ନିଭାଇ ସାରିଥିଲୁ। ବରଂ ଭୁଲ୍ ମାଗି ଜରିମାନା ଦେଇ ଗାଁ ଲୋକଙ୍କ ସହ ରୁହ ବୋଲି ପରାମର୍ଶ ଦିଏ। ଏଣୁ ଆମ ନିଷ୍ପତ୍ତି ଆମକୁ ଖୁସିରେ ରଖିଛି।

## ସଚେତନତା ନାହିଁ

ନୟାଗଡ଼ ଜିଲାରେ କଙ୍ଗାରୁ କୋର୍ଟ ଏକ ସାଧାରଣ ଘଟଣା ହୋଇଯାଇଥିଲେ ହେଁ ସଚେତନତା ନାହିଁ। କିନ୍ତୁ ପ୍ରଶାସନ ପକ୍ଷରୁ କେବଳ କୋଟଗଡ଼ରେ ସଚେତନତା କରାଯାଇ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଛି। ଖଟ ବୁଲା ଓ କଙ୍ଗାରୁ କୋର୍ଟ ଉପରେ ସଚେତନତା ପାଇଁ ତତ୍କାଳୀନ ଜିଲାପାଳ, ଏସ୍‌ପି ଓ ପୋଲିସ କୋଟଗଡ଼ରେ ପହଞ୍ଚି ସଚେତନତା କରିଥିଲେ। ଏବେ ୫ ବର୍ଷ ପରେ ଆଉ ସଚେତନତାର ନଜିର ନାହିଁ। ସଚେତନତା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଲେ ଏଥିପ୍ରତି ଭୟର ବାତାବରଣ ସୃଷ୍ଟି ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଭୟ କରେ ପ୍ରଶାସନ, ପୋଲିସ

ବିଭିନ୍ନ ଗାଁରେ କଙ୍ଗାରୁ କୋର୍ଟ ହେଉଥିଲେ ମଧ୍ୟ ଏଥିରେ ସବୁ ଲୋକଙ୍କର ସମ୍ମତି ନ ଥାଏ। କେତେଜଣ ଲୋକ କଙ୍ଗାରୁ କୋର୍ଟ କରି ଗାଁରେ ଆତଙ୍କରାଜ କରିଥାନ୍ତି। ଭୟ ଓ କ୍ଷତିକୁ ଆଖି ଆଗରେ ରଖି ଅନେକ ପରିବାର ନୀରବତା ଅବଲମ୍ବନ କରିଥାନ୍ତି। କଙ୍ଗାରୁ କୋର୍ଟ, ଖଟବୁଲାକୁ ସେମାନଙ୍କ ବିରୋଧ ଥିଲେ ମଧ୍ୟ ପରିସ୍ଥିତି ସେମାନଙ୍କୁ ଚୁପ କରିବାକୁ ବାଧ୍ୟ କରାଏ। ଗାଳିଗୁଲଜ, ନିର୍ଯାତନା, ମାରପିଟ୍ ହୁଏ। ଆଉ ସେମାନଙ୍କୁ ରାଜନୈତିକ ନେତାମାନେ ସହଯୋଗ ଓ ସମର୍ଥନ କରନ୍ତି। ଦରକାର ପଡିଲେ ପୋଲିସକୁ ଚୁପ ରହିବାକୁ ବି ପରାମର୍ଶ ଦିଆଯାଏ। ସଂଖ୍ୟାଗରିଷ୍ଠ ଭୋଟକୁ ଆଖି ଆଗରେ ରଖି ରାଜନୈତିକ ଦଳମାନେ ଏହି ଖେଳ ଖେଳି ଆସୁଛନ୍ତି। ପୋଲିସ ଗରିବ ଲୋକଙ୍କୁ ସିନା ନାଲି ଆଖି ଦେଖାଏ, ହେଲେ ରାଜନୈତିକ ନେତା ଓ ହାତଗୁଞ୍ଜା ଆଗରେ ଚୁପ ହୋଇଯାଏ। ଆଉ ତା'ର ସେହି ଭୟ ନୀରବତା ରହିବାକୁ ବାଧ୍ୟ କରାଏ। ଏହି ଘଟଣା ସମସ୍ତେ ଜାଣନ୍ତି। ଅଥଚ କହିବାକୁ କେହି ଆଗଭର ନୁହନ୍ତି ବୋଲି ଗାଁର ଜଣେ ବୁଦ୍ଧିଜୀବୀ କହିଛନ୍ତି।

# ମୃତଦେହ ଶୋଭାଯାତ୍ରାରେ ଯିବାବେଳେ ଶୁଭେନ୍ଦୁଙ୍କ ମୃତ୍ୟୁ

ଗଣିଆ, ୨।୧ (ସନ୍ତୋଷ କୁମାର ପ୍ରଧାନ)

ମୃତଦେହକୁ ସଂସ୍କାର ପାଇଁ ଶ୍ମଶାନ ନେଉଥିବା ବେଳେ ହଠାତ ଅନ୍ୟ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବା ଘଟଣା ଗଣିଆ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ଶୁକ୍ରବାର ଗଣିଆ ବ୍ଲକ ଅନ୍ତର୍ଗତ ବିଜୟନଗର ଗ୍ରାମର ଯୋଗୀନାଥ ମହାଳିକ (୭୮)ଙ୍କ ଅପରାହ୍ନ ୧ଟାରେ ପରଲୋକ ହୋଇଥିଲା। ବନ୍ଧୁ ଓ ପରିବାର ବର୍ଗ ମୃତଦେହକୁ ସଂସ୍କର ପାଇଁ ଶ୍ମଶାନ ଅଭିମୁଖେ ବାହାରି ଥିଲେ। ଖୋଳ କୀର୍ତ୍ତନ କରି ମୃତଦେହକୁ ଶ୍ମଶାନକୁ ନେଲା ସମୟରେ ସେହି ଗ୍ରାମର ଶୁଭେନ୍ଦୁ କୁମାର ସାହୁ (୬୨) ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ଗ୍ରାମର କେତେଜଣ ଲୋକ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପରିବାର ଲୋକ ମୃତଦେହକୁ ନେଇ ଘରକୁ ଯାଇଥିଲେ। ଶୋକାକୁଳ ପରିବେଶରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ଘରେ ମୃତଦେହ ଉପରେ ମୁଣ୍ଡ ରଖି କାନ୍ଦ ବୋବାଳି କରୁଥିବା ସମୟରେ ଶୁଭେନ୍ଦୁଙ୍କ ନାକ ଦେଇ ନିଶ୍ୱାସ ଯାଉଥିବାର ଅନୁଭବ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ମଧ୍ୟ ତାଙ୍କୁ ପୁଣି ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଶୁଭେନ୍ଦୁଙ୍କୁ କୋକେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଶ୍ମଶାନରେ ସଂସ୍କାର କରିଥିଲେ। ଶୁଭେନ୍ଦୁ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର। ଅବସର ପରେ ସେ ଗ୍ରାମର ବିଭିନ୍ନ ଯାନିଯାତ୍ରାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସହଯୋଗ କରୁଥିଲେ। ସେ ଜଣେ ମେଳାପୀ, କର୍ତ୍ତବ୍ୟନିଷ୍ଠ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁକୁ ସହଜରେ ଅଞ୍ଚଳବାସୀ ଗ୍ରହଣ କରିପାରୁ ନାହାନ୍ତି।

# ଶ୍ରୀନୀଳମାଧବଜୀଉଙ୍କ ଦେବାଭିଷେକ ପାଇଁ ନୀତି ନିର୍ଘଣ୍ଟ



ଶ୍ରୀନୀଳମାଧବ ଜୀଉ

ଖଣ୍ଡପଡ଼ା, ୨।୧
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ଦେବାଭିଷେକ ତଥା ସୁନାବେଶ ଶନିବାର ପୌଷ ପୂର୍ଣ୍ଣମୀ ତିଥିରେ ପାରମ୍ପରିକ ରୀତିରେ ପାଳିତ ହେବ। ଠାକୁରଙ୍କ ସୁନା ଅଳଙ୍କାର ଲାଗି ପାଇଁ ଶୁକ୍ରବାର ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତଥା ପୋଲିସ ପ୍ରୋଟେକ୍ସନରେ ଖଣ୍ଡପଡା ଟ୍ରେଜେରୀରୁ ସୁନା ଅଳଙ୍କାର ଆସି କଣ୍ଟିଲୋ ୟୁକୋ ବ୍ୟାଙ୍କ ଲକରରେ ମହଜୁଦ ରହିଥିବା ତହସିଲଦାର ତ୍ରିପାଠୀଙ୍କଠାରୁ ସୂଚନା ମିଳିଛି। ଅପରପକ୍ଷରେ ଏହି କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଏହିକ୍ରମରେ ଶୁକ୍ରବାର ଅଧିବାଶ ନିମନ୍ତେ ସନ୍ଧ୍ୟା ସାଢ଼େ ୬ଟା ୩୦ରେ ଅଧିବାସ କାର୍ଯ୍ୟ ଆରମ୍ଭ ହେବ। ଠାକୁରଙ୍କୁ ୬ଟା ସ୍ନାନ କରାଯାଇ ୬ଟା୪୫ ମିନିଟରେ ସନ୍ଧ୍ୟା ଆଳତି, ଧୂପ ଓ ରାତ୍ର ୯ଟାରେ ବଡସିଂହାର ହୋଇ ଠାକୁରଙ୍କ ଅଧିବାସ କାର୍ଯ୍ୟ ପାରମ୍ପରିକ ରୀତିରେ ସମ୍ପନ୍ନ କରାଯିବ। ଶନିବାର ପୌଷ ପୂର୍ଣ୍ଣମୀ ତିଥିରେ ଭୋର ୫ଟାରେ ପହଡ ଖୋଲା ଯାଇ ସକାଳ ୫.୧୫ ମଙ୍ଗଳ ଆଳତୀ, ସ୍ନାନ ଅବକାଶ ଓ ରୋଷ ହୋମ ସମ୍ପନ୍ନ କରାଯିବ। ୬ଟାରେ ସୂର୍ଯ୍ୟ ପୂଜା, ୬ଟା୧୫ରେ ଦ୍ୱାରପାଳ ପୂଜା, ବଲ୍ଲଭ ସାଢ଼େ ୬ଟା, ସକାଳ ଧୂପ ୭ଟା, ଭୋଗ ମଣ୍ଡପ ସାଢ଼େ ୭ଟା, ହୋମ କାର୍ଯ୍ୟ ୮ଟା, ମହାସ୍ନାନ ପରେ ବେଶ ଆରମ୍ଭ ପୂର୍ବାହ୍ନ ସାଢେ ୯ଟା, ପରେ ଠାକୁରଙ୍କ ଶୋଭାଯାତ୍ରା ଓ ମା' ମହାଲକ୍ଷ୍ମୀ ବିଜେ ୧୧ଟା, ଦ୍ୱିପ୍ରହର ଧୂପ ସାଢ଼େ ୧୧ଟା, ମା' ଲକ୍ଷ୍ମୀଙ୍କ ଉପସ୍ଥିତରେ ଶ୍ରୀଜୀଉଙ୍କ ସୁନାବେଶ ସମ୍ପନ୍ନ ହୋଇ ମଧ୍ୟାହ୍ନ ୧୨ଟାରେ ସାହାଣମେଳାରେ ଶ୍ରୀଜୀଉ ସୁନାବେଶରେ ସର୍ବସାଧାରଣଙ୍କୁ ଦର୍ଶନ ଦେବା ସହ ରାତି ୯ଟା ପର୍ଯ୍ୟନ୍ତ ସାହାଣମେଳା ରହିବ। ସନ୍ଧ୍ୟା ଆଳତୀ ସାଢେ ୬ଟା, ଧୂପ ସାଢ଼େ ୭ଟା, ସୁନାବେଶ ଉଲାଗି ରାତି ସାଢେ ୮ଟା ଏବଂ ବଡସିଂହାର, ଡମ୍ବରୁ ବିଜେ ରାତ୍ର ୯ଟାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଦେବୋତ୍ତର ସୁପରଭାଇଜର ବାଇଧର ରାଉତଙ୍କ ଠାରୁ ସୂଚନା ମିଳିଛି।

### ଆଜି ଶ୍ରୀନୀଳମାଧବ ଜୀଉଙ୍କ ସୁନାବେଶ

**ଖଣ୍ଡପଡ଼ା, ୨।୧ (ଅଜୟ କୁମାର ମହାରଣା):** ଜଗନ୍ନାଥଙ୍କ ଆଦ୍ୟପୀଠ ଭାବରେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କ ପାରମ୍ପରିକ ପୌଷଭିଶେକ ତଥା ସୁନାବେଶ ଶନିବାର ପବିତ୍ର ପୌଷ ପୂର୍ଣ୍ଣମୀରେ ଅନୁଷ୍ଠିତ ହେବ। ସେଥିପାଇଁ ଶୁକ୍ରବାର ଠାକୁରଙ୍କ ସ୍ୱତନ୍ତ୍ର ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି।

# ପ୍ରଭୁ ଗୋକୁଳାନନ୍ଦ ଜୀଉଙ୍କୁ ପୋଡ଼ପିଠା ଲାଗି



ଖଣ୍ଡପଡ଼ା, ୨।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତସ୍ଥିତ ମଧୁକର୍ଣ୍ଣିକା ପାହାଡ଼ ମଧ୍ୟ ଭାଗରେ ବିରାଜିତ ପ୍ରଭୁ ଶ୍ରୀଗୋକୁଳାନନ୍ଦ ଜୀଉଙ୍କ ନିକଟରେ ବିଧି ବ୍ୟବସ୍ଥା ଅନୁସାରେ ପୌଷପୋଡ ପିଠା ଲାଗି ହୋଇଛି। ପ୍ରତିବର୍ଷ ପରି ପୌଷ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଚାଉଳ, ବିରି, ନଡ଼ିଆ, ଛେନା ମିଶ୍ରଣରେ ପ୍ରସ୍ତୁତ ପୋଡ ପିଠା ଲାଗି କରାଯାଇଛି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଓ ନୂଆବର୍ଷ ନିମନ୍ତେ ପର୍ଯ୍ୟଟକମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ପହିଲି ଭୋଗ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ପରିଚାଳନା କରାଯାଉଥିବା ଜଣାଯାଇଛି।



ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଞ୍ଜୟ



@ ସରୋଜ



@ ପୁରୁଷୋତ୍ତମ



@ ବିଜୟଲକ୍ଷ୍ମୀ



@ ଏମ୍‌ଡି ସାମି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ରେ ମେଡିକାଲ କଲେଜ ପାଇଁ ବିକ୍ଷୋଭ

ନୟାଗଡ଼, ୨।୧ (ଲୋକନାଥ ମିଶ୍ର)




ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଘୋଷଣାରେ ବିଳମ୍ବ କଲେ ଜିଲା ବନ୍ଦ ଡାକରା ଚେତାବନୀ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ତୁରନ୍ତ ନୟାଗଡ଼ ଜିଲା ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରାଯିବା ସହ ସରକାର ତୁରନ୍ତ ମେଡିକାଲ କଲେଜ ଘୋଷଣା ନ କଲେ ଜିଲା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ ସ୍ମାରକପତ୍ର ଗ୍ରହଣ କରିଥିଲେ। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଗୋଦା ବରିଶ ସାହୁ ଓ ଯୁବନେତା ଦୁର୍ଯ୍ୟୋଧନ ବେହେରାଙ୍କ ନେତୃତ୍ୱରେ ବୈଦ୍ୟ ଭୂଷଣ ମହାପାତ୍ର, ଅନୀଲ ପଣ୍ଡା, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଅବିନାଶ ସାହୁ, ପ୍ରସନ୍ନ ବସନ୍ତିଆ ପ୍ରମୁଖ ବିକ୍ଷୋଭ, ଶୋଭାଯାତ୍ରା ଓ ପ୍ରତିବାଦ ସଭା ପରିଚାଳନା କରିଥିଲେ। ଏଥିରେ ରୋଟାରୀ କ୍ଲବ, ସିଭିଲ ସୋସାଇଟ୍, ବରିଷ୍ଠ ନାଗରିକ ମଞ୍ଚ, ବସ ମାଲିକ ସଂଘ, ଡ୍ରାଇଭର ସଂଘ, ଟ୍ୟାକ୍ସି ଚାଳକ ସଂଘ, ବ୍ୟବସାୟୀ ସଂଘ, ଭାରତ ବିକାଶ ପରିଷଦ, ଇନର ହ୍ୱିଲ କ୍ଲବ, ସାମ୍ବାଦିକ ଭବନ ସଦସ୍ୟ, ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରି ଜିଲାରେ ମେଡିକାଲ କଲେଜ ସ୍ଥାପନ ଦାବିକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନୀଳମାଧବ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଜିଲର ବପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ରୋଗୀ ପ୍ରେରଣ କେନ୍ଦ୍ର ଭାବେ କାର୍ଯ୍ୟ କରି ଆସୁଛି ବୋଲି କୁହାଯାଇଥିଲା। ପୁଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବ ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ନାହିଁ। ଗଣିଆ ବ୍ଲକର ବଡସିଲିଙ୍ଗା, ଦଶପଲ୍ଲା ବ୍ଲକର ବାଣିଗୋଛାଠାରୁ ଓଡଗାଁ ବ୍ଲକର ରୋହିବାଙ୍କ ପର୍ଯ୍ୟନ୍ତ ବାସିନ୍ଦା ଏବଂ କଟକ, ବୌଦ୍ଧ, ଗଞ୍ଜାମ, ଖୋର୍ଦ୍ଧା ଜିଲାର ସୀମାନ୍ତ ଲୋକ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନାହାନ୍ତି। ଥଣ୍ଡା, ଜ୍ୱର ପରି ରୋଗୀଙ୍କୁ ଗୁରୁତର ଦର୍ଶାଇ କଟକ, ଭୁବନେଶ୍ୱର ରେଫର କରି ଦିଆଯାଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା।

# ଖଣ୍ଡପଡ଼ାରେ ପ୍ରଥମ ସାମନ୍ତ ମହୋତ୍ସବ ନେଇ ଭୂମି ପୂଜନ



ମହୋତ୍ସବ ପଡ଼ିଆରେ ପୂଜାର୍ଚ୍ଚନା କରାଯାଉଛି।

ଖଣ୍ଡପଡ଼ା, ୨।୧ (ଅଜୟ କୁମାର ମହାରଣା)

ଗଡଜାତ ଖଣ୍ଡପଡ଼ା ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଦ୍‌ଜୀବିତ କରିବା ସହ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ଲକ୍ଷ୍ୟ ନେଇ ଚଳିତବର୍ଷଠାରୁ ପ୍ରଥମ କରି ସାମନ୍ତ ମହୋତ୍ସବ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଛି। ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ନୂତନ ମହୋତ୍ସବ ପଡିଆରେ ଜାନୁୟାରୀ ୨୩ରୁ ୨୫ ମହୋତ୍ସବ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ମହୋତ୍ସବ ପଡିଆ ପରିସରରେ ଶୁକ୍ରବାର ଆୟୋଜିତ ଭୂମି ପୂଜନ କାର୍ଯ୍ୟକ୍ରମରେ କମିଟିର ସଭାପତି ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ରଙ୍କ ସମେତ ମହୋତ୍ସବ କମିଟିର ଆବାହକ ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରଥମ କରି ଆୟୋଜିତ ହେଉଥିବା ସାମନ୍ତ ମହୋତ୍ସବର ସଫଳତା ନେଇ କମିଟିର କର୍ମକର୍ତ୍ତାମାନେ ଅଞ୍ଚଳବାସୀଙ୍କ ସକ୍ରିୟ ସହଯୋଗ କାମନା କରିଛନ୍ତି।

# ସ୍ୱଦେଶୀ, ଆତ୍ମନିର୍ଭର, 'ଏକ ଜିଲା ଏକ ଉତ୍ପାଦ'କୁ ନେଇ ମହୋତ୍ସବ ହେବ



ବୈଠକରେ ଯୋଗଦେଇଥିବା ଜନ ପ୍ରତିନିଧି ଓ ଅଧିକାରୀ।

**ଯାଜପୁର ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ**

■ ଗଙ୍ଗା ଆଳତି ଭଳି ବୈତରଣୀ ନଦୀ କୂଳରେ ଆଳତି ପ୍ରସ୍ତାବ

ଯାଜପୁର,୨।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ପ୍ରଶାସନ ତଥା ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ମହୋତ୍ସବ 'ଯଯାତି-୨୦୨୬' ଏବଂ ସ୍ୱଦେଶୀ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମବାୟ, ହସ୍ତତନ୍ତ ଏବଂ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ସ୍ୱାଗତ ବକ୍ତବ୍ୟ ଦେବା ସହ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ବଳସାମନ୍ତ ଯଯାତି ମହୋତ୍ସବକୁ ସୁରୁଖୁରୁରେ ପାଳନ ସମ୍ପର୍କିତ ବିଭିନ୍ନ ବିଷୟରେ ବକ୍ତବ୍ୟ ରଖିଥିଲେ। ଏମ୍‌ପି ବେହେରା ଯଯାତି ସ୍ମରଣିକା ପତ୍ରିକା ପାଇଁ ଏବେଠାରୁ ପ୍ରସ୍ତୁତି ଏବଂ ଲେଖା ସଂଗ୍ରହ ଆବଶ୍ୟକ ବୋଲି ମତ ଦେଇଥିଲେ। ଚଳିତ ବର୍ଷ ସ୍ୱଦେଶୀ, ଆତ୍ମନିର୍ଭର, 'ଏକ ଜିଲା ଏକ ଉତ୍ପାଦ' ଏବଂ ଯାଜପୁର ଅସ୍ମିତା ଭଳି ଥିମ୍‌କୁ ନେଇ ମହୋତ୍ସବ ପାଳନ ହେବ ବୋଲି ଜିଲାପାଳ କର ସୂଚନା ଦେଇଥିଲେ। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ମହୋତ୍ସବ ଆୟୋଜନ ହେବ। ମୁଖ୍ୟ ଅତିଥି ଭାବେ ଏହାର ଉଦ୍‌ଘାଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ମହୋତ୍ସବରେ ଓରମାସ୍ ପଲ୍ଲିଶ୍ରୀ ମେଳା, ସୁଭଦ୍ରା ଶକ୍ତି ମେଳା ମଧ୍ୟ ଆୟୋଜିତ ହେବ। ଏହି ପ୍ରଦର୍ଶନୀରେ ଜିଆଇ ମାନ୍ୟତାପ୍ରାପ୍ତ ଯାଜପୁର ଜିଲାର ଗୋପାଳପୁର ହସ୍ତତନ୍ତ, ଗୋଲ୍ଡେନ ଗ୍ରାସ୍ ହସ୍ତଶିଳ୍ପ, ପଥର କାରୁକାର୍ଯ୍ୟ ଇତ୍ୟାଦି ସ୍ଥାନ ପାଇବ। ରାଜ୍ୟର ତଥା ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ଯାଜପୁରର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆଲୋଚନା ହୋଇଥିଲା।

ଗଙ୍ଗା ଆଳତି ଢଙ୍ଗରେ ଯାଜପୁରର ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଆଳତି ପାଇଁ ଜିଲାପାଳ ବୈଠକରେ ପ୍ରସ୍ତାବ ଦେଇଥିଲେ। ଏହାସହ ମହୋତ୍ସବ ଉପଲକ୍ଷେ ସବ-କମିଟିଙ୍କ ସହଯୋଗରେ କବି ସମ୍ମିଳନୀ, ଆଲୋଚନାଚକ୍ର, ସ୍ମରଣିକା ପ୍ରକାଶନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। କୋରେଇ ବିଧାୟକ ଆକାଶ ଦାସନାୟକ ମହୋତ୍ସବରେ ଜିଲାର ଶିଳ୍ପ ଭିତ୍ତିଭୂମି ଓ କାରିଗରିକୁ ପ୍ରଦର୍ଶନ କରିବା ସହ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମହୋତ୍ସବ ପାଇଁ ଆବଶ୍ୟକ ପ୍ରସ୍ତୁତି ଦିଗରେ ତତ୍ପର ହେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ଅନେକ ମାନ୍ୟଗଣ୍ୟ ବୁଦ୍ଧିଜୀବୀ, ବିଶିଷ୍ଟ ସାହିତ୍ୟିକ, ଲେଖକ, ସଂସ୍କୃତି ଗବେଷକ ଏବଂ ବରିଷ୍ଠ ନାଗରିକ ଏହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଯଯାତି ମହୋତ୍ସବ ମାଧ୍ୟମରେ ଯାଜପୁରର ଐତିହ୍ୟ ଏବଂ ସଂସ୍କୃତିକୁ ଜାତୀୟସ୍ତରରେ ପ୍ରଦର୍ଶନ କରିବା ଉପରେ ମତ ଉପସ୍ଥାପନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ଜିଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ପୁରସ୍କୃତ କରାଯାଉଛି।

# ସେମିରେ ବିଶାଖାପାଟଣା ଇଷ୍ଟ କୋଷ୍ଟ ରେଲୱେ

**ଅଶୋକ ଦାସ ମେମୋରିଆଲ କ୍ରିକେଟ୍**

ଯାଜପୁରଟାଉନ,୨।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ ଶୁକ୍ରବାର ବିଶାଖାପାଟଣା ଇଷ୍ଟ କୋଷ୍ଟ ରେଲୱେ ଓ ୟୁନିକ୍ ଇଲେଭେନ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶାଖାପାଟଣା ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।

ଯାଜପୁର ଜିଲା କ୍ରିକେଟ୍ ଆସୋସିଏସନ୍ ଓ ମେଳବର୍ଣ୍ଣ କ୍ରିକେଟ୍ କ୍ଲବ୍‌ର ମିଳିତ ଉଦ୍ୟମରେ କୁସୁମା ନିକଟସ୍ଥ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଶାଖାପାଟଣା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ଓଭର ମଧ୍ୟରୁ ୨୨.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାଇ ରାହୁଲ ୪୫ ରନ୍ ସଂଗ୍ରହ କରିଥିଲାବେଳେ କେଏସ୍ ପ୍ରସାଦ ୩୧ରନ୍ ସଂଗ୍ରହ କରିଥିଲେ। ୟୁନିକ୍ ଇଲେଭେନ ଭଦ୍ରକର ବୋଲର ଅବଦୁଲ ଖାନ୍ ୪ଓଭର ବୋଲିଂ କରି ୧୭ରନ୍ ଦେଇ ୪ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ୟୁନିକ୍ ଇଲେଭେନ ଭଦ୍ରକ ୨୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୧୪ରନ୍ ସଂଗ୍ରହ କରି ବିଶାଖାପାଟଣାଠାରୁ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ସୌମ୍ୟ ବିଶ୍ୱାଳ ସର୍ବାଧିକ ୩୨ ରନ୍ ସଂଗ୍ରହ କରିଥିଲେ। ଇଷ୍ଟ କୋଷ୍ଟ ରେଲୱେର ବୋଲର କେ.ପି. ସାଇ ରାହୁଲ ୫ ଓଭର ବୋଲିଂ କରି ୨୦ରନ୍ ଦେଇ ୩ ଉଇକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଷ୍ଟ କୋଷ୍ଟ ରେଲୱେ ୧୯ରନ୍‌ରେ ବିଜୟ ହାସଲ କରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ କେପି ସାଇ ରାହୁଲଙ୍କୁ ପୂର୍ବତନ କ୍ରିକେଟର ଶ୍ରୀଜୟ ମହାପାତ୍ର ପୁରସ୍କୃତ କରିଥିଲେ। ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଦିବାକର କର, ପ୍ରଶାନ୍ତ ସାହୁ, ଉମାକାନ୍ତ ସିଂ, ଭୂପତି ମିଶ୍ର, ସୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଅମ୍ପାୟାର୍ ଭାବେ ରଞ୍ଜନ ମହାନ୍ତି, ଆଶୁତୋଷ ପାଣି କାର୍ଯ୍ୟ ତୁଲାଇଥିଲେ। ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

# ଚୋରି ମାମଲାରେ ୩ ଗିରଫ



**ବହୁ ସୁନା, ରୁପା ଗହଣା ଜବତ**

ଯାଜପୁରରୋଡ୍,୨।୧(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଓ କଟକ ଜିଲାରେ ଆତଙ୍କ ଖେଳାଇଥିବା ଏକ ଆନ୍ତଃ ଜିଲା ଲୁଟେରାଗ୍ୟାଙ୍ଗକୁ ଯାଜପୁରରୋଡ୍ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କଠାରୁ ବହୁ ଚୋରି ଅଳଙ୍କାର ଜବତ କରିଛି। ସେମାନେ ହେଲେ ଯାଜପୁରରୋଡ୍ ଥାନା ସାପଗାଡ଼ିଆ ଅଞ୍ଚଳର ସୁରେଶ ପାତ୍ର(୩୫), ସୁକିନ୍ଦା ଥାନା ଅନ୍ତର୍ଗତ ବିରିଗଡ଼ିଆ ଗ୍ରାମର ରାମ ହେମ୍ବ୍ରମ (୩୮) ଓ ଯାଜପୁର ସଦର ଥାନା ସାନକୁଖାଲା ଗ୍ରାମର ନାଜିମ ଖାଁ(୨୩)।

ସୁରେଶ ଓ ରାମଙ୍କଠାରୁ ଏକ ହଳ ସୁନା ଚୁଡ଼ି ପାତିଆ, ୧୦ହଳ ରୁପା ଗୋଡ଼ ମୁଦି, ୨ ହଳ ରୁପା ପାଉଁଜି ଓ ଏକ ରୁପାର ମୟୂର ଜବତ ହୋଇଛି। ସେହିପରି ଟାଙ୍ଗି ଅଞ୍ଚଳରେ ଆତଙ୍କ ଖେଳାଇଥିବା ନାଜିମଙ୍କ ନିକଟରୁ ଏକ ସୁନା ଚେନ, ୩ ଟୁକୁଡା ସୁନା ଚେନ, ୪ ମୋବାଇଲ ଫୋନ ଓ ଏକ ବାଇକକୁ ପୋଲିସ ଜବତ କରିଛି। ଏହି ଗ୍ୟାଙ୍ଗ ନାମରେ ଯାଜପୁରରୋଡ୍, କୋରେଇ, କଳିଙ୍ଗନଗର, ଯାଜପୁର ସଦର, ଯଖପୁରା, ବ୍ରହ୍ମବରଦା ଓ ଟାଙ୍ଗି ଥାନାରେ ୩୮ ମାମଲା ରହିଛି। ସୁରେଶଙ୍କ ନାମରେ ଯାଜପୁରରୋଡ୍ ଥାନାରେ ସର୍ବାଧିକ ୨୮ ଚୋରି ମାମଲା ରହିଛି। ଏହି ଗ୍ୟାଙ୍ଗ ବିଭିନ୍ନ ସ୍ଥାନରେ ଚୋରି କରିବା ସହ ରାସ୍ତାରୁ ମହିଳାଙ୍କଠାରୁ ସୁନାଚେନ ଲୁଟ କରୁଥିଲେ ବୋଲି ଯାଜପୁରରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏକ ଖବରଦତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ଉପସ୍ଥିତ ଥିଲେ। ଏସ୍‌ଡିପିଓ କହିଛନ୍ତି, ବ୍ୟାସନଗର ପବ୍ଲିକ ସ୍କୁଲ ନିକଟରେ ରହୁଥିବା ସୁମିତ୍ରା ଦାସ ଡିସେମ୍ବର ୨୮ରେ ଘରେ ନଥିବାବେଳେ ତାଙ୍କ ଘରୁ ଚୋରି ହୋଇଥିଲା। ସେହିପରି ୨୯ ତାରିଖରେ ବ୍ୟାସନଗର କଲେଜ ନିକଟରେ ରହୁଥିବା ତନ୍ମୟ ପୃଷ୍ଟିଙ୍କ ଘରୁ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଯାଜପୁରରୋଡ୍ ଥାନାରେ ଅଭିଯୋଗ ହୋଇଥିଲା। ନଭେମ୍ବର ୨୮ରେ ଛୋଟରାୟପୁର ଗ୍ରାମର ଦାମୋଦର ପାଢ଼ୀ ସସ୍ତ୍ରିକ ଯାଜପୁରରୋଡ୍‌ରୁ ନିଜ ଗ୍ରାମକୁ ବାଇକରେ ଯାଉଥିବା ସମୟରେ ଇନ୍ଦିରାଗାନ୍ଧୀ କଲେଜ ଛକ ନିକଟରେ ଦୁଇ ଯୁବକ ବାଇକରେ ଆସି ଦାମୋଦରଙ୍କ ସ୍ତ୍ରୀଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ପଳାଇଥିଲେ। ଏନେଇ ଯାଜପୁରରୋଡ଼ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଯାଜପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଯାଜପୁରରୋଡ୍ ଥାନାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସିସିଟିଭି ଫୁଟେଜ ଓ ବିଭିନ୍ନ ଦିଗକୁ ଆଧାରକରି ତଦନ୍ତ ଆରମ୍ଭ ହୋଇଥିଲା। ଥାନା କେସ ନଂ. ୭୦୧/୨୫ ଓ ୧/୨୬ରେ ୨ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ପୂଜକଙ୍କ ପରଲୋକ

ଚଣ୍ଡିଖୋଲ,୨।୧(ପ୍ରଦୀପ୍ତ କୁମାର ପୃଷ୍ଟି)



ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ପୂଜକ ବଂଶୀଧର ମିଶ୍ର(୬୮)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ମଧ୍ୟାହ୍ନଭୋଜନ କରୁଥିବାବେଳେ ହୃଦ୍‌ଘାତର ଶିକାର ହୋଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମାହାଙ୍ଗା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀର ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡା, ମନୋଜ କୁମାର ପରିଡ଼ା, ପୂଜକ ଭରତ ଚନ୍ଦ୍ର ପାଢ଼ୀ, ପ୍ରକାଶ ଚନ୍ଦ୍ର ସାମଲ, ମିହିର ପରିଡ଼ା, ଅମୀୟ ସାହାଣୀ, ରାଜେନ୍ଦ୍ର ସାହୁ ଓ ବ୍ରଜ କିଶୋର ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ବାବୁ ମୁଖାଗ୍ନି ଦେଇଥିଲେ।

# କାଶୀନାଥ ମହାବିଦ୍ୟାଳୟ ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ବରୀ,୨।୧(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ସରୋଜ ଲକ୍ଷ୍ମୀ ସିଂହ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀ, ପୂର୍ବତନ ଅଧ୍ୟକ୍ଷ କୃଷ୍ଣପ୍ରସାଦ ଦାସଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମହାବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିଲା। ତେଣୁ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷାବିତ ଏବଂ ସ୍ଥାନୀୟ ଲୋକେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ସରକାରଙ୍କୁ ଅବଗତ କରାଇବା ପରେ ଶ୍ରେଣୀଗୃହ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର କରାଯାଇଥିଲା।



ଶ୍ରେଣୀଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ଏବଂ ଅନ୍ୟମାନେ।

# ଟମକା-ମଙ୍ଗଳପୁର ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର

କାଳିଆପାଣି,୨।୧(ଅସିତ ମହାନ୍ତ)

ଯାଜପୁର ଜିଲାର ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ୫-୧୨-୨୦୨୫ରେ ନିମ୍ନମାନର ପିଚୁ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ସେଦିହିନଠାରୁ କାର୍ଯ୍ୟ ବନ୍ଦ ରହିଥିବାବେଳେ ରବିବାରଠାରୁ ପୁଣି ପିଚୁ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ କାମ ନ ସରୁଣୁ ପିଚୁ ଉଠି ରାସ୍ତାଟି ପୂର୍ବ ଭଳି ଖାଲଖମା ହୋଇଯାଉଛି। ଏହାକୁ ଲୁଚାଇବାକୁ ଉଠିଥିବା ପିଚୁକୁ ଲୋକ ଲଗାଇ ସଫା କରାଯାଉଛି। ଅଧିକ ବର୍ଷା ଯୋଗୁ ରାସ୍ତାରେ ବଡ଼ବଡ଼ ଖାଲ ହୋଇ ଲୋଡିଂ ଟ୍ରକ ପାଇଁ ସମସ୍ୟା ସୃଷ୍ଟି କରୁଥିଲା। ଏନେଇ ସ୍ଥାନୀୟ ଜନସାଧାରଣ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନିକଟର ରାସ୍ତା ମରାମତି ପାଇଁ ଦାବି କରିଥିଲେ। ବହୁ ଦାବି ପରେ ଏବେ ରାସ୍ତା ମରାମତି ହେଉଛି। ମାତ୍ର ଏହି ନିମ୍ନମାନର କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କଲେ ମନ୍ତ୍ରୀଙ୍କ ପାଖ ଲୋକ କହି ଠିକାଦାର ଓଲଟା ଧମକ ଦେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମଧୁସୂଦନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ପିଚୁ କାର୍ଯ୍ୟ ଠିକ ଅଛି। ହେଲେ ସଙ୍ଗେସଙ୍ଗେ ଗାଡ଼ି ଚଢ଼ିଯିବାରୁ ତାହା ଉଠିଯାଉଛି।



ରାସ୍ତା ପିଚୁ କରାଯାଉଛି।



















# ଉନ୍ନୟନ କ୍ଷେତ୍ରରେ ବ୍ଲକ ଏକ ନମ୍ବର ହେବ

## ୭ମ ସଧାରଣ ଅଧିବେଶନ ବୈଠକ ଅନୁଷ୍ଠିତ

■ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଉପରେ ଗୁରୁତ୍ୱାରୋପ

■ ଲୁଣା ଘେରି ବନ୍ଧ ନିର୍ମାଣ କାର୍ଯ୍ୟ ନିମ୍ନମାନର, ଭିଜିଲାନ୍ସ ତଦନ୍ତ ଦାବି

**ମହାକାଳପଡ଼ା, ୨୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସଭାଗୃହଠାରେ ୭ମ ସଧାରଣ ଅଧିବେଶନ ବୈଠକ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ ପାନୀୟଜଳ, ବିଦ୍ୟୁତ, ରାଶନ କାର୍ଡ, ଭତ୍ତା, ଗ୍ରାମ୍ୟ ରାସ୍ତା, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଗୃହ ନିର୍ମାଣ ଉପରେ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ସେହିପରି ବଟିଘର ପଞ୍ଚାୟତର ୩୨ କୋଟି ଓ କେବି ଦାଣ୍ଡୁଆ ପଞ୍ଚାୟତ ଚତୁଃପାର୍ଶ୍ୱରେ ବହୁ କୋଟି ଖର୍ଚ୍ଚରେ ସୁରକ୍ଷା ପାଇଁ ନଦୀ ତଟବନ୍ଧ ନିମ୍ନମାନର ନିର୍ମାଣ କାର୍ଯ୍ୟରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ମଙ୍ଗଳପୁର ସମିତି ସଭ୍ୟ ରଞ୍ଜନ ଚୌଧୁରୀ ଦାବି କରିଥିଲେ। ଅପରପକ୍ଷରେ ଜମ୍ବୁ ପୂର୍ବଦିଗ ନଦୀ ତଟବନ୍ଧ ଘେରି ଘାଇରେ ସମୁଦ୍ର ଲୁଣି ପାଣି ପ୍ରବେଶ ଓ ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ଜମ୍ବୁ ସରପଞ୍ଚ ବିଶ୍ୱଜିତ ବସୁ ପ୍ରଶ୍ନ ଉଠାଇଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଯୋଗଦେଇ ନ ଥିଲେ। ଏଥିପ୍ରତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ବାଧକ ସାଜିଥିଲା। ଫଳରେ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ବୈଠକରେ ସମସ୍ତ ବିଭାଗର ଅଧିକାରୀ ଓ ଯନ୍ତ୍ରୀଙ୍କ ଉପସ୍ଥିତି ହେବା ନେଇ ଜିଲା ପ୍ରଶାସନ ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକର ୩୧ ପଞ୍ଚାୟତ ସମିତିସଭ୍ୟ, ସରପଞ୍ଚ ନିଜ ନିଜ ପଞ୍ଚାୟତ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ଥିବା ଉପଜିଲାପାଳ ଅରୁଣ କୁମାର ନାୟକ, ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଏମ୍‌ପିଙ୍କ ପ୍ରତିନିଧି ଜାନକୀ ପ୍ରଧାନ, ବିଧାୟକ ପ୍ରତିନିଧି ସରୋଜକାନ୍ତ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ସିଡିପିଓ କବିତା ମଲିକ, ବିଇଓ କୈଳାସ ଚନ୍ଦ୍ର ଦଳାଇ, ବ୍ଲକ ଏସିଓ ଦୀପକ କୁମାର ପରିଡ଼ା, କୁମର ଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।



ବ୍ଲକ ସଭାଗୃହଠାରେ ୭ମ ସାଧାରଣ ଅଧିବେଶନରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଶାନ୍ତିମୈତ୍ରୀ ପରିସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଦ୍‌ଘାଟିତ



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ପାଟକୁରା, ୨୧ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ବିଚଣା ଶାନ୍ତିମୈତ୍ରୀ ସ୍ୱେଚ୍ଛାସେବୀ ସଙ୍ଗଠନ ପରିସରରେ ଶୁକ୍ରବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅଶୋକ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ପ୍ରସାଦ ମହାନ୍ତି ସଭା ସଞ୍ଚାଳନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ମହାରାଜ ସରସ୍ୱତୀ ବିଦ୍ୟାମନ୍ଦିରରେ ପିଲାମାନଙ୍କୁ ପଢ଼ା ଯାଉଥିବା ଉନ୍ନତମାନର ପାଠର ଉଚ୍ଚ ପ୍ରଶଂସା କରିଥିଲେ। ଏଠାରେ ଗୁରୁମାଗୁରୁଜୀ ପିଲାମାନଙ୍କୁ ଶୃଙ୍ଖଳା, ସମୟାନୁବର୍ତ୍ତିତାରେ ବିଦ୍ୟା ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥାନ୍ତି। ଦୀପ ଭଳି ନିଜେ ଜଳି ସ୍ୱଳ୍ପ ବେତନରେ ପିଲାମାନଙ୍କୁ ପାଠ ପଢ଼ାଇ ସେମାନଙ୍କ ଜୀବନକୁ ଆଲୋକିତ କରାଇଥାନ୍ତି। ଫଳରେ ସରକାରୀ ବିଦ୍ୟାଳୟରେ ପଢ଼ା ଯାଉଥିବା ପାଠଠାରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଢାରେ ସ୍ୱତନ୍ତ୍ରତା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶାନ୍ତିମୈତ୍ରୀର ସମ୍ପାଦକ ଭଗବାନ ଜେନା ମଞ୍ଚାସୀନ ରହି ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟୟନରତ ବିଦ୍ୟାର୍ଥୀ ମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି କହିଥିଲେ। ନିରାଶ୍ରୟ ଓ ଭଲ ପଢୁଥିବା ଗରିବ ମେଧାବୀ ପିଲାମାନଙ୍କୁ ମାଗଣାରେ ପାଠ ପଠାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲୀପ କୁମାର ସାହୁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ବାରିକ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରା, ଚନ୍ଦନ କୁମାର ଜେନା ମଞ୍ଚାସୀନ ରହି ବିଦ୍ୟାର୍ଥୀମାନଙ୍କୁ ଉପାଦେୟ ପରାମର୍ଶ ଦେବା ସଙ୍ଗେ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଗୁରୁମାଗୁରୁଜୀ, ଅଭିଭାବକ, ବିଦ୍ୟାର୍ଥୀ ଓ ଅନୁଷ୍ଠାନର କର୍ମଚାରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ବିଦ୍ୟାର୍ଥୀଙ୍କୁ ସ୍କୁଲ ବ୍ୟାଗ ସହ ଅନୁଷଙ୍ଗିକ ପଢ଼ା ସାମଗ୍ରୀ ସମ୍ପାଦକ ଜେନା ବଣ୍ଟନ କରିଥିଲେ। ପୂର୍ବରୁ ଏହି ବିଦ୍ୟାମନ୍ଦିର ନୂଆପଡା ଗ୍ରାମରେ କାର୍ଯ୍ୟକ୍ଷମ ଥିଲା। ଏବେ ଶାନ୍ତିମୈତ୍ରୀ ପରିସରକୁ ଆସିବା ପରେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

# ରାଜକିଶୋର ସ୍ମାରକୀ କ୍ରିକେଟ୍: ରାହାମା ବିଜୟୀ



ଖେଳରେ ଉପସ୍ଥିତ ଅତିଥି।

**ମାର୍ଶାଘାଇ, ୨୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଥାନା ଅଧୀନ ଧନିଆପଡ଼ା ଗାଁର ବିଏମ୍‌ସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଜଗତ୍‌ସିଂହପୁର ରାହାମା ନିୟୁ ଏଚପିଏସ୍ ଟିମ୍ ଏବଂ ଯାଜପୁରର ଫାଇଟର ଇଲେଭେନ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ଟସ୍ ଜିତି ରାହାମା ଟିମ୍‌କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୨୦ ଓଭର ବିଶିଷ୍ଟ ଏହି ମ୍ୟାଚରେ ରାହାମା ଟିମ୍ ୧୬୯ କରିଥିଲା। ଜବାବରେ ଯାଜପୁର ଟିମ୍ ୧୬୨ ରନ କରି ୭ ରନରେ ପରାସ୍ତ ହୋଇଥିଲା। ରାହାମା ଟିମ୍‌ର ବ୍ୟାଟ୍ସମ୍ୟାନ ବାମଭା ରାଜା ୩୨ ବଲରେ ୭୧ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଟୁର୍ନାମେଣ୍ଟର ଅମ୍ପାୟର ଭାବେ ବିଭୂତି ମଲିକ, ସୌମ୍ୟ ମଲିକ, ଘୋଷକ ଭାବେ ଦେବେନ୍ଦ୍ର ଦାସ, ଆସିଫ ଅଲି ଏବଂ ସ୍କୋରର ବାପି ବେହେରା କାର୍ଯ୍ୟ ତୁଲାଇ ଥିଲେ। ପୁରସ୍କାର ବିତରଣୀ ସଭା ଟୁର୍ନାମେଣ୍ଟର ସଂଯୋଜକ ଅଜୟ ବେହେରା, ବିଜୟ ବେହେରା, ସଞ୍ଜୟ ବେହେରା, ସାଜନ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବିଏମ୍‌ସିସିର ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ତୋଫାନ ସ୍ୱାଇଁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ମା' ବୁଢ଼ୀଜାଗୁଲାଈଙ୍କ ପୀଠରେ ବାଦୀପାଲା ମହୋତ୍ସବ

**ଡେରାବିଶ, ୨୧(ବେବର୍ତ୍ତା ଅଜୟ ଦାସ)**

ଉତ୍କଳୀୟ ସଂସ୍କୃତିର ବାର୍ତ୍ତାବହନ କରୁଥିବା ପାଲାକୁ ଉଜ୍ଜୀବିତ ରଖିବାକୁ ପାଲାକାରମାନେ ନିଜର ବଳିଷ୍ଠ ପ୍ରତିଭାକୁ ପ୍ରଦର୍ଶନ ଜାରି ରଖିଛନ୍ତି। ଏହି ବିଦଗ୍ଧ କଳାକୁ ପ୍ରଚାର ପ୍ରସାର ପାଇଁ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଡେରାଢ଼ିହିସ୍ଥିତ ମା' ବୁଢ଼ୀଜାଗୁଲାଈଙ୍କ ପୀଠରେ ଡିସେମ୍ବର ୨୬ ରୁ ଆରମ୍ଭ ହୋଇଥିବା ବାଦିପାଲା ମହୋତ୍ସବ ଶୁକ୍ରବାର ୮ମ ସନ୍ଧ୍ୟାରେ ପହଞ୍ଚିଛି। ଡେରାଢ଼ିହି ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା'ଙ୍କ ପୀଠରେ ଆରମ୍ଭ ହୋଇଥିବା ୧୪୦ତମ ମହୋତ୍ସବ ଚଳିତବର୍ଷ ରାଜ୍ୟର ପ୍ରତିଷ୍ଠିତ ୬ ଜଣ ପାଲା ଗାୟକ ପାଲା ପରିବେଶଣ କରୁଛନ୍ତି। ତେବେ ଶେଷ ପର୍ଯ୍ୟାୟରେ ବିଶିଷ୍ଟ ଗାୟକ ସନାତନ ଦାସ ଓ ବିଶ୍ୱନାଥ ସ୍ୱାଇଁଙ୍କ ମଧ୍ୟରେ ଅନୁଷ୍ଠିତ ହେଉଥିବା ବାଦୀ ପାଲା ଅତି ଉଚ୍ଚକୋଟିର। ବହୁ ପ୍ରାଚୀନ ଅନୁଷ୍ଠାନ ହୋଇଥିବାରୁ ପ୍ରତ୍ୟେହ ସନ୍ଧ୍ୟାରେ ଦୂରାଦୂରାନ୍ତରୁ ବହୁ ପାଲା ପ୍ରେମୀ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଛି। ଅଷ୍ଟାଦଶ ପୁରାଣ, ରାମାୟଣ, ମହାଭାରତର ବିଭିନ୍ନ ଚରିତ୍ରର ବର୍ତ୍ତମାନ ସମାଜରେ ଏହାର ପ୍ରତିଫଳନ ଉପରେ ଗାୟକମାନଙ୍କ ପାଲା ପ୍ରଦର୍ଶନ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏଥିସହ ପାଳିଆମାନଙ୍କ ଢ଼ଗଢ଼ମାଳି, ଦର୍ଶକଙ୍କ ମଧ୍ୟରେ ଆନନ୍ଦ ଦେଉଛି। ୯ ଦିନ ଧରି ଅନୁଷ୍ଠିତ ହେଉଥିବା ବାଦୀ ପାଲା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ ବୋଲି ପାଲା କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି।



ଗାୟକ, ବାୟକ ସହ ପାଳିଆମାନେ।

# ବ୍ରହ୍ମାକୁମାରୀ କମଳେଶ ଜୀଙ୍କ ସ୍ମୃତିଚାରଣ ସଭା

**ରାଜକନିକା,୨୧ (ସଞ୍ଜୟ କୁମାର ଦାଶ)**

କଟକ ସବ୍‌ଜୋନର ନିର୍ଦ୍ଦେଶିକା ତଥା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ଓଡ଼ିଶାରେ ବ୍ରହ୍ମାକୁମାରୀ ଜ୍ଞାନର ପ୍ରତିଷ୍ଠାତା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. କମଳେଶ ଜୀଙ୍କ ସ୍ମରଣାର୍ଥେ ସ୍ମୃତି ଚାରଣ ସଭା ରାଜକନିକା ବ୍ଲକ କଣ୍ଟପଡା ଛକସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟ ସଦ୍‌ଭାବନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଭବନର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଲୀନାଙ୍କ ପରିଚାଳନାରେ ଆୟୋଜିତ ସଭାରେ ବ୍ରହ୍ମାକୁମାରୀ, ବ୍ରହ୍ମାକୁମାରଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦିଦିଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ୧୯୭୩ରେ ଓଡ଼ିଶା ମାଟିରେ ପ୍ରଥମଥର ପାଇଁ ଈଶ୍ୱରୀୟ ଜ୍ଞାନର ପ୍ରଚାର ପ୍ରସାର କରିଥିବା ଡ. କମଳେଶଙ୍କ ନଭେମ୍ବର ୨୨ରେ କଟକଠାରେ ପାର୍ଥିବ ଶରୀର ତ୍ୟାଗ କରିଥିଲେ। ତାଙ୍କର ମହାନ ତ୍ୟାଗ ଓ ତପସ୍ୟା ସ୍ମୃତିରେ ଏହି ସଭା ଆୟୋଜିତ ବୋଲି ସଞ୍ଚାଳିକା ବ୍ରହ୍ମାକୁମାରୀ ଲିନା କହିଥିଲେ। ଏଥିରେ ବ୍ରହ୍ମାକୁମାରୀ ଅଲିଭା ଦିଦି, ଲିଜା ଦିଦି, ସ୍ୱପ୍ନା ଦିଦି, ଅଳକା ଦିଦି, ଝୁମା ଦିଦି, ଚନ୍ଦ୍ରମା ଦିଦି ପ୍ରମୁଖଙ୍କ ଉପସ୍ଥିତ ଥିଲେ।

# ବରିଷ୍ଠ କଂଗ୍ରେସ ନେତା ଗୌରାଙ୍ଗ ଲେଙ୍କାଙ୍କ ପରଲୋକ

**ମାର୍ଶାଘାଇ, ୨୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ବ୍ଲକ ଅଧୀନ ଅଙ୍ଗୁଲାଇ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମର ବରିଷ୍ଠ କଂଗ୍ରେସ ନେତା ଗୌରାଙ୍ଗ ଚରଣ ଲେଙ୍କା (୮୩)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକସ୍ଥିତ ଘରୋଇ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲେଙ୍କା କୁହୁଡି ପଞ୍ଚାୟତର ସରପଞ୍ଚ, ମାର୍ଶାଘାଇ ବ୍ଲକର ୨ଥର ଅଧ୍ୟକ୍ଷ, ମାର୍ଶାଘାଇ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଗୋପବନ୍ଧୁ କ୍ଲବର ଆଜୀବନ ସଦସ୍ୟ, ଶିଳିପୁର ମଣିନାଗେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଥିଲେ। ତାଙ୍କ ପରଲୋକରେ ମାର୍ଶାଘାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରଥମେ ମୃତଦେହ ମାର୍ଶାଘାଇ କ୍ରସିଂଠାରେ ପହଞ୍ଚିବା ପରେ ଜିଲା କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ ଦଳୀୟ ପତାକା ଆଚ୍ଛାଦିତ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ କଂଗ୍ରେସ ଯୁବନେତା ବିଭ୍ରାଂଶୁ ଶେଖର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୋଭାଯାତ୍ରା ମାର୍ଶାଘାଇ ବ୍ଲକ, ମହାବିଦ୍ୟାଳୟ, ବଜାର ଅତିକ୍ରମ କରି ଶିଳିପୁର ପଞ୍ଚାୟତ ସମେତ ନିଜ ଗ୍ରାମରେ ପହଞ୍ଚିଥିଲା। ସେଠାରେ ଜିଲା ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ଗରଦପୁର ବ୍ଲକ କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ପରିଡା, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷ ଉପେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ନିଜର ପୈତୃକ ସ୍ଥାନରେ ମୃତଦେହକୁ ସଂସ୍କାର କରାଯାଇଥିବାବେଳେ ଜ୍ୟେଷ୍ଠପୁତ୍ର ହିମାଂଶୁ ଶେଖର ମୁଖାଗ୍ନି ଦେଇଥିଲେ।



# ଗାୟତ୍ରୀ ପରିବାର ପକ୍ଷରୁ ନିଶା ନିବାରଣ ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ, ୨୧ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବେଲତଳ ଗୁଲନଗର ଗାୟତ୍ରୀ ପ୍ରଜ୍ଞା ପୀଠ ପକ୍ଷରୁ ନୂଆବର୍ଷ ଅବସରରେ ଏକ ସାମାଜିକ ଚେତନା ଧର୍ମୀ କାର୍ଯ୍ୟକ୍ରମ ନିଶା ନିବାରଣ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଜିଲା ସଂଯୋଜକ ତଥା ଗାୟତ୍ରୀ ପ୍ରଜ୍ଞା ପୀଠ ମୁଖ୍ୟ ବ୍ୟବସ୍ଥାପକ ପ୍ରଭାତ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ସରୋଜ ଆଚାର୍ଯ୍ୟ, ମହେଶ୍ୱର ପାଢ଼ୀ, ଝରଣା ଆଚାର୍ଯ୍ୟ, ରୀନାରାଣୀ ପାଢ଼ୀ, ପ୍ରଭାତ ପାତ୍ର, ରମେଶ ଦାସ, ସ୍ରୋତସ୍ୱିନୀ ପାତ୍ର, ଦେବକୀ ଦାସ, ଚତୁର୍ଭୁଜ ଦାସ, ଶୈଳବାଳା ଦାସ, ରାଜଶ୍ରୀ ସାହୁ, ଅନନ୍ୟା ବାଇ, ହରପ୍ରିୟା ଖିଲାର, ଚିନ୍ମୟୀ ଦାସ, ପ୍ରଣତି ଜତି ପ୍ରମୁଖ ବହୁ ଗାୟତ୍ରୀ ପରିବାର ସଦସ୍ୟାସଦସ୍ୟମାନେ ସାମିଲ ହୋଇଥିଲେ। ସେମାନେ ନିଶା ସେବନ ଦ୍ୱାରା ପରିବାର ଓ ସମାଜର କ୍ଷତିସମ୍ପର୍କରେ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ।

# ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍, ଖୋର୍ଦ୍ଧା ବିଜୟୀ

## ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ସୁବର୍ଣ୍ଣ ଜୟନ୍ତୀ କ୍ରିକେଟ ଟୁର୍ନାମେଣ୍ଟ

**ରାଜକନିକା,୨୧ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ସିକୋ ପଞ୍ଚାୟତ ଡାଳିକାଏନ୍ଦା ଗାଁର ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ଏକ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ମ୍ୟାଚ୍ କିଟ୍ ଡିମ୍‌ଡ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର ବନାମ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁତ୍ୱପୂର୍ଣ୍ଣ ମହିଳା କ୍ରିକେଟ ମ୍ୟାଚରେ ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ କିଟ୍ ଭୁବନେଶ୍ୱରକୁ ୩୭ ରନରେ ହରାଇ ବିଜୟୀ ହୋଇଛି। ପ୍ରଥମେ ଖୋର୍ଦ୍ଧା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୭ ରନ କରିଥିଲା। ଜବାବରେ କିଟ୍ ଟିମ୍ ୧୮ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଅମ୍ପାୟର ଭାବେ ବିଜୟ ବେହେରା ଓ ନିଗମାନନ୍ଦ ବେହେରା ଖେଳ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମୁମ୍ବାଇ ମୋ ଓଡ଼ିଆ ସମାଜର ସଭାପତି ଲମ୍ବୋଧର ଦାସମହାପାତ୍ର, ସମ୍ମାନିତ ଅତିଥି ଭାବେ ଗୁରୁଜୀ ଗ୍ରୁପ ଅଫ କମ୍ପାନୀର ଫାଇନାନ୍ସ ଡାଇରେକ୍ଟର ନିବେଦିତା ଗୁରୁ, ଗୁରୁଜୀ ଗ୍ରୁପ ଅଫ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଣ୍ଣୟ ଗୁରୁ, ଜିତେନ୍ଦ୍ର ରାଉଳ, ହୃଷୀକେଶ ଗୁରୁ, ସିକୋ ପଞ୍ଚାୟତ ସମିତି ସଭ୍ୟ ଅମିତ ନାୟକ, ମମତା ମହିଳା ହସ୍ପିଟାଲର ପ୍ରଶାସନିକ ଅଧିକାରୀ କଶିଷ ଗୁରୁ, ଅବସରର ପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ ରାଉତ, ଗାଁ ସଭାପତି ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଟିମକୁ ୭ ହଜାର ଅର୍ଥରାଶି ପୁରସ୍କାର ସହ ଟ୍ରଫି ଏବଂ ଉପ ବିଜେତା ଟିମକୁ ୫ ହଜାର ଅର୍ଥରାଶି ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ବିଜେତା ଟିମର ୭୫ ରନ ସଂଗ୍ରହ କରିଥିବା ବିଜୟାଲକ୍ଷ୍ମୀ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ।



ଅତିଥିମାନେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଓ ୨୦୨୬ ନୂତନ ବର୍ଷ ଅବସରରେ ପାଠକ, ପାଠିକା, ନୟାଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ଶୁଭେଚ୍ଛା ଓ
ଅଭିନନ୍ଦନ
ଅବିନାଶ ସାହୁ
ସାମାଜିକ କର୍ମୀ, ନୟାଗଡ଼

ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଓ ୨୦୨୬ ନୂତନ ବର୍ଷ ଅବସରରେ ଅଗଣିତ ପାଠକମାନଙ୍କୁ ଶୁଭେଚ୍ଛା ଜଣାଉଛି।
କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ
ଭିକାରୀପଡ଼ା, ଶରଣକୁଳ, ନୟାଗଡ଼

ଦୈନିକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଓ ୨୦୨୬ ନୂତନ ବର୍ଷ ଅବସରରେ ଅଗଣିତ ପାଠକ ଓ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ସମ୍ପାଦକ, ସେବା, ନୟାଗଡ଼

ଧରିତ୍ରୀର ସ୍ୱନକ୍ଷତ୍ର ଓ ୨୦୨୬ ନୂତନ ବର୍ଷ ଅବସରରେ ନୟାଗଡ଼ ଜିଲ୍ଲାର ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଶୁଭେଚ୍ଛା, ଶୁଭକାମନା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ଆମ୍ଭମାନଙ୍କୁ ଭଲରେ ରଖିଥାନ୍ତୁ।
ପ୍ରମୋଦ ପଟ୍ଟନାୟକ
ସଭାପତି, ନୟାଗଡ଼ ଜିଲା, ସାମ୍ବାଦିକ ସଂଘ



ଧରିତ୍ରୀର ସ୍ୱନକ୍ଷତ୍ର ଓ ୨୦୨୬ ନୂତନ ବର୍ଷ ଅବସରରେ ନୟାଗଡ଼ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା, ଶୁଭକାମନା ଓ
ଅଭିନନ୍ଦନ
ଶୁଭେଚ୍ଛୁ
ଆର୍‌ଡବ୍ଲ୍ୟୁଏସ୍‌ଏସର ଜଣେ କର୍ମଚାରୀ, ନୟାଗଡ଼

ଧରିତ୍ରୀର ସ୍ୱନକ୍ଷତ୍ର, ୨୦୨୬ ନୂତନ ବର୍ଷ ଓ ମକର ସଂକ୍ରାନ୍ତି ଅବସରରେ ନୟାଗଡ଼ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା, ଶୁଭକାମନା ଓ
ଅଭିନନ୍ଦନ
ପୂର୍ତ୍ତ ବିଭାଗର ଜଣେ ଅଧିକାରୀ

